

ଗଣତନ୍ତ୍ର ଏପରି ଏକ ବ୍ୟବସ୍ଥା, ଯେଉଁଠାରେ କେହି କାହାର କ୍ରୀତଦାସ ନୁହେଁ କି କେହି ମାଲିକ ନୁହେଁ । -ଆବ୍ରାହାମ୍ ଲିଙ୍କନ୍

ସକାଳ
THE SAKALA

# ପାକିସ୍ତାନରେ 'ଭୋଟଚୋର'ଙ୍କ ସରକାର !

ଫାଇଦା ଥିଲେ ବାଘ ଛେଳି ଗୋଟିଏ ଘାଟରେ ପାଣି ପିଅନ୍ତି - ଏହି ଆପ୍ତ ବାକ୍ୟଟି ଏବେ ପାକିସ୍ତାନ ରାଜନୀତିରେ ଦେଖିବାକୁ ମିଳିଛି । ସେଠାରେ ସାଧାରଣ ନିର୍ବାଚନ ସରିବାର ପ୍ରାୟ ଦୁଇ ସପ୍ତାହର ଅନିଶ୍ଚିତତା ପରେ ଯେଉଁ ସମାଧାନର ସୂତ୍ର ବାହାରିଛି ତାହା ହେଲା - ଶତ୍ରୁର ଶତ୍ରୁ ମିତ୍ର ନ୍ୟାୟରେ ଦୁଇ ପାରମ୍ପରିକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଦଳ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ(ପିଏମ୍‌ଏଲ୍‌ଏନ୍) ଓ ପାକିସ୍ତାନ ପିପୁଲ୍‌ସ ପାର୍ଟି(ପିପିପି) ସରକାର ଗଢ଼ିବା ପାଇଁ ହାତ ମିଳାଇଛନ୍ତି । ୨୬୬ ଆସନ ବିଶିଷ୍ଟ ପାକିସ୍ତାନ ଜେନେରାଲ୍ ଆସେମ୍ବ୍ଲିରେ ସରକାର ଗଢ଼ିବା ପାଇଁ ଅନ୍ୟୁନ ୧୩୪ ଜଣ ନିର୍ବାଚିତ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଥିବା ବେଳେ ପିଏମ୍‌ଏଲ୍‌ଏନ୍ ଓ ପିପିପିର ସଦସ୍ୟ ସଂଖ୍ୟା ଯଥାକ୍ରମେ ୭୫ ଓ ୫୪ ରହିଛି । ଆଉ କେତେକ ଛୋଟ ଦଳ ସହିତ ମେଣ୍ଟ କରି ଏହି ଦୁଇଦଳ ସରକାର ଗଢ଼ିବା ପାଇଁ ଯାଉଛନ୍ତି । ଅପରପକ୍ଷରେ ଦୁର୍ନୀତି ଅଭିଯୋଗରେ ଏବେ ଜେଲ୍‌ରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତେହରିକ୍-ଇ-ଇନ୍‌ସାଫ୍(ପିଟିଆଇ)ର ମୁଖ୍ୟ ଇମ୍ରାନ୍ ଖାନ୍ ଏହାକୁ 'ଭୋଟଚୋରି' ଆଖ୍ୟା ଦେଇଛନ୍ତି । କାରଣ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ସର୍ବାଧିକ ୯୩ଟି ଆସନରେ ଜୟଯୁକ୍ତ ହୋଇଥିଲେ ମଧ୍ୟ ସରକାର ଗଠନରେ ସେମାନଙ୍କ ଭୂମିକା ସ୍ୱାଭାବିକ ଭାବେ ଗୌଣ ହୋଇଯାଇଛି । ତାଙ୍କ ମତରେ ନିର୍ବାଚନରେ ବ୍ୟାପକ ଜାଲିଆତି ନ ହୋଇଥିଲେ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ୧୮୦ ପାଖାପାଖି ଆସନରେ ଜୟଯୁକ୍ତ ହୋଇଥା'ନ୍ତେ । ରାୱଲପିଣ୍ଡିରେ ଭୋଟ ଗଣତିରେ ଅନିୟମିତତା କରିଥିବା ସ୍ୱୀକାର କରି ଜନୈକ ନିର୍ବାଚନ ଅଧିକାରୀ ଇସ୍ତଫା ଦେବା ପରେ ଇମ୍ରାନ୍‌ଙ୍କ ଅଭିଯୋଗ ପଛର ସତ୍ୟତା ପ୍ରମାଣିତ ହୋଇଛି ।

ରାଜନୈତିକ ବିଶେଷଜ୍ଞଙ୍କ ମତାନୁଯାୟୀ ଇମ୍ରାନ୍ ଚାହିଁଥିଲେ ମେଣ୍ଟ ସରକାର ପାଇଁ ଆଲୋଚନା କରିପାରିଥା'ନ୍ତେ । କିନ୍ତୁ ସେ ତାହା ନ କରି ତାଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ବିରୋଧୀ ଆସନରେ ବସାଇବା ପାଇଁ ଏକପ୍ରକାର ବାଧ କରିଛନ୍ତି । ବିଶେଷଜ୍ଞଙ୍କ ଅନୁମାନ ଅନୁଯାୟୀ ଆଗାମୀ ଦିନରେ ଇମ୍ରାନ୍ ତାଙ୍କ ସମର୍ଥିତ ନିର୍ବାଚିତ ସଦସ୍ୟଙ୍କ ଜରିଆରେ ମେଣ୍ଟ ସରକାର ଓ ନିର୍ବାଚନ କମିଶନ୍‌ଙ୍କ ଦୁର୍ନୀତିକୁ ନେଇ ହଲାପଟା କରିପାରନ୍ତି । ଏହାଛଡ଼ା ୨୦୧୮ ରୁ ୨୦୨୨ ମଧ୍ୟରେ କ୍ଷମତାରେ ଥିବା ପିଟିଆଇ ନେତା ଇମ୍ରାନ୍ ଖାନ୍ ମେଣ୍ଟ ସରକାରର ଦୋଷ ଦୁର୍ବଳତା ଭଲ ଭାବରେ ଜାଣିଛନ୍ତି । ତେଣୁ ସେ ସରକାର ଗଢ଼ିବା ଲକ୍ଷ୍ୟରୁ ବର୍ତ୍ତମାନ ପରିସ୍ଥିତିରେ ଦୂରରେ ରହିଛନ୍ତି । କିନ୍ତୁ ଏହି ପରିସ୍ଥିତିରେ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଇମ୍ରାନ୍‌ଙ୍କ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ବିରୋଧୀ ଦଳର ମାନ୍ୟତା ପାଇବେ ନାହିଁ । ଏଥିପାଇଁ ସେମାନଙ୍କୁ ଅନ୍ୟ କୌଣସି ଦଳରେ ଯୋଗ ଦେବାକୁ ପଡ଼ିବ । ଅନ୍ୟ ଏକ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ୯୩ ଜଣ ନିର୍ବାଚିତ ସ୍ୱାଧୀନ ସଦସ୍ୟ ସିହା ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ କରୁଥିବା ଏମ୍‌ଡବ୍ଲ୍ୟୁଏମ୍‌ରେ ମିଶି ପାରନ୍ତି । ଏହି ଦଳର ଜଣେ ମାତ୍ର ସଦସ୍ୟ ନିର୍ବାଚିତ ହୋଇଛନ୍ତି । ଇତିମଧ୍ୟରେ ପିଟିଆଇ ପକ୍ଷରୁ ସମ୍ଭାବ୍ୟ ନେତା ବା ପ୍ରଧାନମନ୍ତ୍ରୀ ପଦ ପାଇଁ ଓମାର ଆୟୁବ୍ ଖାନ୍‌ଙ୍କ ନାମ ଘୋଷଣା କରାଯାଇସାରିଥିବାରୁ ଆଗକୁ ହୁଏତ ସେଠାରେ ରାଜନୈତିକ ଅସ୍ଥିରତା ଆହୁରି ତୀବ୍ର ହୋଇପାରେ ବୋଲି ଜଣାପଡ଼ୁଛି ।

ପିଏମ୍‌ଏଲ୍‌ଏନ୍ ଓ ପିପିପି ପକ୍ଷରୁ ମେଣ୍ଟ ଘୋଷଣା ଏବେ କେବଳ ଅନୌପଚାରିକତାରେ ସୀମିତ ରହିଛି । ଏହା ବିଧିବଦ୍ଧ ମାନ୍ୟତା ପାଇବା ପାଇଁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । କାରଣ ସେହିଦିନ ହିଁ ପ୍ରଧାନମନ୍ତ୍ରୀ ଗୃହରେ ନିଜ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାର କାର୍ଯ୍ୟକ୍ରମ ରହିଛି । ତେବେ ଏହାପୂର୍ବରୁ ପିପିପିର ସଭାପତି ବିଲାୱଲ୍ ଭୁଟ୍ଟୋ ଜର୍ଦ୍ଦାରୀ ଏକ ସାମ୍ବାଦିକ ସମ୍ମିଳନୀରେ କରିଥିବା ଘୋଷଣା ଅନୁଯାୟୀ ପିଏମ୍‌ଏଲ୍‌ଏନ୍ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍‌ଙ୍କ ଭାଇ ସେହେୱାଜ୍ ସରିଫ୍ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଏବଂ ବିଲାୱଲ୍‌ଙ୍କ ପିତା ଆସିଫ୍ ଅଲ୍ଲି ଜର୍ଦ୍ଦାରୀ ମେଣ୍ଟର ସର୍ବସମ୍ମତ ରାଷ୍ଟ୍ରପତି ପ୍ରାର୍ଥୀ । ଏହାଛଡ଼ା ଏହି ମେଣ୍ଟ ପ୍ରତି ପାକିସ୍ତାନ ସେନାର ସମର୍ଥନ ରହିଥିବାରୁ କଳବଳେକୌଶଳେ ଜର୍ଦ୍ଦାରି ପିତା-ପୁତ୍ର ଓ ସରିଫ ପରିବାର ଆଗାମୀ ଦିନରେ ପାକିସ୍ତାନ ରାଜନୀତିକୁ ନିଜ କବ୍‌ଜାରେ ରଖିବାକୁ ଯାଉଛନ୍ତି ବୋଲି ଆପାତତଃ ଅନୁମାନ କରାଯାଉଛି ।

ଭାରତ ସ୍ୱାଧୀନ ହେବାର ଗୋଟିଏ ଦିନ ପୂର୍ବରୁ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ପାକିସ୍ତାନ ଜନ୍ମ ନେଇଥିଲେ ହେଁ ଏହି ଦେଶର ରାଜନୈତିକ ଭାଗ୍ୟ ସବୁବେଳେ ସେନା ହାତରେ ରହି ଆସିଛି । କେତେବେଳେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରକୁ ଭାଙ୍ଗି ସେନା ସେଠାରେ ରାଷ୍ଟ୍ରପତିଙ୍କୁ ଶାସନମୁଖ୍ୟ କରିଛି ପୁଣି କେତେବେଳେ ସେନାମୁଖ୍ୟ ନିଜକୁ ଶାସନମୁଖ୍ୟ ଘୋଷଣା କରିଛନ୍ତି । ସେଠାରେ ଆଉ ଏକ ବିଡ଼ମ୍ବନା ହେଉଛି ଯିଏ ମଧ୍ୟ ଶାସନମୁଖ୍ୟ ହୁଅନ୍ତୁ ନା କାହିଁକି, ଯଦି ସେନା କଥାରେ ପରିଚାଳିତ ନ ହୁଅନ୍ତି ତେବେ ତାଙ୍କୁ କ୍ଷମତାଚ୍ୟୁତ ହେବା ସହିତ ଦଣ୍ଡଭୋଗିବାକୁ ପଡ଼ିଛି । ଏପରିକି ଶାସନମୁଖ୍ୟ ଥିବା ସେନାମୁଖ୍ୟ ମଧ୍ୟ ଏହି ପରାଭବରୁ ବର୍ତ୍ତି ପାରିନାହାନ୍ତି । ତେଣୁ ନିର୍ବାଚନରେ ଯେଉଁ ଦଳକୁ ସେନା ସମର୍ଥନ କରେ ସେହି ଦଳର ଜିତାପଟ ପ୍ରାୟ ସୁନିଶ୍ଚିତ ହୋଇଯାଏ । ଧର୍ମଭିତ୍ତିରେ ଜନ୍ମ ନେଇଥିବା ପାକିସ୍ତାନର ସେନା ମଧ୍ୟ ଧର୍ମଭିତ୍ତିକ ଆଭିମୁଖ୍ୟକୁ ପ୍ରାଧାନ୍ୟ ଦେଉଥିବାରୁ ସ୍ୱାଭାବିକ ଭାବରେ ଜନସାଧାରଣ ସେନା ପ୍ରତି ଓ ସେନା ସମର୍ଥିତ ଦଳକୁ ସମର୍ଥନ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । ଏଥର କିନ୍ତୁ ସେଥିରେ ଏକ ବିରଳ ବ୍ୟତିକ୍ରମ ଦେଖାଦେଇଛି । ପିଏମ୍‌ଏଲ୍‌ଏନ୍‌କୁ ସେନାର ସମର୍ଥନ ସତ୍ତ୍ୱେ ସେହି ଦଳ ସରକାର ଗଢ଼ିବା ପାଇଁ ଆବଶ୍ୟକ ସଂଖ୍ୟାଗରିଷ୍ଠତା ପାଇପାରିନାହିଁ । ଅପରପକ୍ଷରେ ସେନାକୁ ବିରୋଧ କରୁଥିବା ପିଟିଆଇକୁ ଲୋକେ ଅଧିକ ସଂଖ୍ୟାରେ ଭୋଟ ଦେଇଛନ୍ତି ।

ଏଥିରୁ ସ୍ପଷ୍ଟ ହେଉଛି ଯେ ପାକିସ୍ତାନ ଜନସାଧାରଣ ଏକ ସ୍ଥିର ଶାସନ ଚାହୁଁଛନ୍ତି, ସେନାର ସଖିକଣ୍ଢେଇ ନୁହେଁ । ସାମ୍ପ୍ରଦାୟିକ ଉତ୍ତେଜନା ଅପେକ୍ଷା ଶାନ୍ତି ସହାବସ୍ଥାନ ପ୍ରତି ସେମାନଙ୍କ ଦୃଷ୍ଟିକୋଣ ବଦଳିବାରେ ଲାଗିଛି । ପାକିସ୍ତାନର ଅର୍ଥନୀତି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ପାଖରେ ଏକପ୍ରକାର ବନ୍ଧା ପଡ଼ିଛି । ମୁଦ୍ରାସ୍ଫୀତି ଅଭାବନୀୟ ଭାବରେ ଅତି ଉଚ୍ଚସ୍ତରରେ ପହଞ୍ଚିସାରିଛି । ରୁଟି, ଖିର, ପନିପରିବା ପରି ମାମୁଲି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶଛୁଆଁ ହୋଇଯାଇଛି । ପେଟ୍ରୋଲ୍, ବିଜୁଳି ଦର କଥା ନ କହିବା ଭଲ ।

ଏହି ପରିପ୍ରେକ୍ଷୀରେ ପଡ଼ୋଶୀ ରାଷ୍ଟ୍ର ଭାବରେ ଭାରତ ମଧ୍ୟ ନିଶ୍ଚିତ ଭାବେ ଚାହିଁବ ଯେ ପାକିସ୍ତାନରେ ଅନ୍ତତଃ ଏକ ସ୍ଥିର ଶାସନ ତିଷ୍ଠି ରହୁ । ସ୍ଥିର ସରକାର ଓ ଶାସନର ମୂଳ ଲକ୍ଷ୍ୟ ହେବ ଜନକଲ୍ୟାଣ ଓ ଅର୍ଥନୀତିରେ ସୁଧାର । ଏହି ପ୍ରୟାସ ଜାରି ରହିଲେ ସେଠାକାର ଶାସକ ଅଯଥା ଭାରତ ପ୍ରସଙ୍ଗରେ ମୁଣ୍ଡ ଖେଳାଇବ ନାହିଁ କି ଭାରତରେ ଅଶାନ୍ତି ସୃଷ୍ଟି ପାଇଁ ଅପ୍ରାସଙ୍ଗିକ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ଦେବ ନାହିଁ । ଏ ସବୁ ସତ୍ତ୍ୱେ ପୂର୍ବରୁ କୁହାଯାଇଥିବା ପରି ପାକିସ୍ତାନର ରାଜନୀତି ଓ ରାଜନେତାଙ୍କ ଭାଗ୍ୟ ସବୁବେଳେ ସେନା ହାତରେ ଥିବାରୁ ସେଠାକାର ଅନିଶ୍ଚିତ ରାଜନୈତିକ ଭବିଷ୍ୟତ ପ୍ରତି ଭାରତ ସବୁବେଳେ ସତର୍କ ଦୃଷ୍ଟି ରଖିବା ବିଧେୟ ।

# ୫-ଜି ଓ ରାଷ୍ଟ୍ରୀୟ ସୁରକ୍ଷା

୫-ଜିର ପ୍ରବର୍ତ୍ତନ ପରେ ଉନ୍ନତ ମୋବାଇଲ ସେବାର ବାସ୍ତବତା ଦେଖିବାକୁ ମିଳୁଛି । ପରବର୍ତ୍ତୀ ସମୟରେ ଏହାର ପ୍ରଭାବ ଶିକ୍ଷା, ସ୍ୱାସ୍ଥ୍ୟ, ସୂଚନା ପ୍ରସାରଣ, କୃଷି, ଶିଳ୍ପ ଆଦି ଉପରେ ବ୍ୟାପକ ପ୍ରଭାବ ବିସ୍ତାର କରିବାକୁ ଯାଉଛି । ଏହାଦ୍ୱାରା ଘରୋଇ ଉପଭୋକ୍ତା, ଶିଳ୍ପଜଗତ, ଅର୍ଥନୀତି ବିଶେଷ ଉପକୃତ ହେବେ । ଏକ ଗବେଷଣାଲବ୍ଧ ତଥ୍ୟାନୁଯାୟୀ, ଆଗାମୀ ୧୦ ବର୍ଷ ମଧ୍ୟରେ ୫-ଜି ବିଶ୍ୱ ଅର୍ଥନୀତିରେ ୧୩.୨ ଟ୍ରିଲିୟନ ଡଲାର ମୂଲ୍ୟର ଯୋଗଦାନ ଦେବା ସହିତ ୨୨.୩ ନିୟୁତ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ । ବୈଷୟିକ ଶକ୍ତି ସମ୍ପନ୍ନ ରାଷ୍ଟ୍ରମାନେ ଏହାକୁ କାର୍ଯ୍ୟକାରୀ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି । ତେବେ ଚୀନର ଟେଲିକମ କମ୍ପାନୀମାନେ ୫ଜି ପ୍ରବର୍ତ୍ତନରେ ସବୁଠୁ ଆଗରେ ଅଛନ୍ତି । ସେମାନେ ଅପେକ୍ଷାକୃତ ଶସ୍ତାରେ ଏହି ସେବା ଯୋଗାଉଛନ୍ତି । ଆମ ଦେଶରେ ଦୁଇବର୍ଷ ତଳେ ଅକ୍ଟୋବର ମାସରେ ଚାରିଟି ମହାନଗର ସହିତ କେତେକ ବଡ଼ ସହରରେ ୫-ଜି ଟେଲିକମ୍ ସେବା ଆରମ୍ଭ ହୋଇଛି । ୨୦୨୪ ଶେଷ ସୁଦ୍ଧା ଭାରତରେ ୫ଜି ବ୍ୟବହାରକାରୀଙ୍କ ସଂଖ୍ୟା ୧୫୦ ନିୟୁତ ହେବ ବୋଲି ଆଶା ଆକଳନ କରାଯାଇଛି ।

ବିଶେଷକରି ୫-ଜିର ସାମ୍ପ୍ରତିକ ଭୂ-ରାଜନୀତିକୁ ପ୍ରଭାବିତ କରିବାକୁ ଯାଉଥିବାରୁ ବିଶ୍ୱର ପ୍ରମୁଖ ବୈଷୟିକ ଶକ୍ତିସମ୍ପନ୍ନ ରାଷ୍ଟ୍ରମାନେ ଏହାର ସୁଯୋଗ ପ୍ରଥମେ ଦେବାକୁ ବ୍ୟଗ୍ର । ଏହିକ୍ରମରେ ଆଶଙ୍କା ଉପୁଜୁଛି ଯେ ଏହି ଦୌଡ଼ରେ ଚୀନ୍ ସମଗ୍ର ପୃଥିବୀର ଟେଲିକମ୍ ବଜାରକୁ କରାୟତ୍ତ କରିପାରେ । ଏହାଛଡ଼ା ଏହି ବିସ୍ତାରବାଦୀ ନୀତି ଦ୍ୱାରା ଚୀନ ଅନ୍ୟ ଦେଶର ନେଟୱାର୍କରୁ ଗୁପ୍ତରେ ତଥ୍ୟ ଚୋରାଇବା ସହ ସେମାନଙ୍କ କଥାବାର୍ତ୍ତା ମଧ୍ୟ ଲୁଚାଛପାରେ ଶୁଣିପାରେ । ଏହା ହୁଏତ ଚୀନରେ ଏକ ରଣକୌଶଳାତ୍ମକ ପଦକ୍ଷେପ ହୋଇପାରେ । ଚୀନ ୫-ଜି ଟେକ୍‌ନୋଲୋଜିକୁ ଏକ ଅସ୍ତ୍ର ଭାବେ ଅନ୍ୟ ଦେଶଙ୍କ ବିରୋଧରେ ବ୍ୟବହାର କରିପାରେ । ଏହି କ୍ଷେତ୍ରରେ ଯେଉଁ ସବୁ ଚୀନା କମ୍ପାନୀ କାମ କରୁଛନ୍ତି ସେମାନଙ୍କ ଉପରେ ଚାପ ପକାଇ ଚୀନ ସରକାର ଉପଭୋକ୍ତାଙ୍କ ଡାଟା ସେୟାର କରିବା ସହିତ ଯୁଦ୍ଧ ଓ ଅନ୍ୟାନ୍ୟ ରାଜନୈତିକ ଦ୍ୱନ୍ଦ୍ୱ ସମୟରେ ଶତ୍ରୁ ପକ୍ଷର ୫-ଜି ନେଟୱାର୍କକୁ ଅଚଳ କରି ଦେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି ।

ପାପୁଆ ନିଉ ଗିନିରେ ଚୀନ ଟେଲିକମ କମ୍ପାନୀ ତିଆରି କରିଥିବା ସେ ଦେଶର ସାଇବର ସୁରକ୍ଷା କେନ୍ଦ୍ରରେ ଏକାଧିକ ସାଇବର ନିରାପତ୍ତା ସମସ୍ୟା ଦେଖାଦେଇଥିବା କଥା ଅଷ୍ଟ୍ରେଲିଆ ସରକାର ସେହି ଦ୍ୱୀପ ରାଷ୍ଟ୍ର କର୍ତ୍ତୃପକ୍ଷଙ୍କଠାରୁ ଅବଗତ ହୋଇଥିଲେ । ୨୦୨୦ ଅଗଷ୍ଟରେ ଏ ସଂକ୍ରାନ୍ତ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ୨୦୧୯ରେ ମଧ୍ୟ ଇଟାଲୀରେ ଚୀନ କମ୍ପାନୀ ଦ୍ୱାରା ତିଆରି ଏକ ଟେଲିକମ୍ ନେଟୱାର୍କରେ ସମାନ ସାଇବର ନିରାପତ୍ତା ସମସ୍ୟା ଦେଖା ଦେଇଥିଲା । ଏସବୁ ଘଟଣା ଚୀନ ଟେଲିକମ୍ କମ୍ପାନୀ ସମୂହର ନିରାପତ୍ତା, ଉପଲବ୍ଧତା, ସାଧୁତା, ତାହାର ଯନ୍ତ୍ରପାତିର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି ଯେ ଏବେ ୫-ଜି ପାଇଁ ମଧ୍ୟ ଚୀନ କମ୍ପାନୀମାନେ ବଡ଼ ବିପଦ ପାଲଟି ପାରନ୍ତି ।

୫-ଜି ବଜାରରେ ଚୀନ କମ୍ପାନୀଙ୍କ ପ୍ରଭାବ ହ୍ରାସ କରିବାକୁ ବିଗତ କେତେ ବର୍ଷ ଧରି ଆମେରିକା ଅଭିଯାନ ଆରମ୍ଭ କରିଛି । ହୁଆୱେଇ ଓ ଜେଡ୍‌ଟିଇ ଭଳି ଦୁଇଟି ଚାଇନା ଟେଲିକମ୍ କମ୍ପାନୀକୁ ଆମେରିକା ତାହାର ଜାତୀୟ ନିରାପତ୍ତା ପ୍ରତି ବିପଦ ଭାବେ ଘୋଷଣା କରିଛି । ଏହି ଦୁଇ କମ୍ପାନୀଠାରୁ କୌଣସି ଯନ୍ତ୍ରପାତି ଓ ଉପକରଣ କ୍ରୟ କ୍ଷେତ୍ରରେ ଆମେରିକୀୟ କମ୍ପାନୀଙ୍କୁ ମିଳୁଥିବା ସରକାରୀ ରିହାତି ବ୍ୟବସ୍ଥାକୁ ନିଷିଦ୍ଧ କରାଯାଇଛି । ନିର୍ଦ୍ଦିଷ୍ଟ ଲାଇସେନ୍ସ ବିନା ହୁଆୱେଇ କମ୍ପାନୀକୁ ସେମିକଣ୍ଡକ୍ଟର ଚିପ୍ ବିକ୍ରି ଉପରେ ମଧ୍ୟ ଆମେରିକା ନିଷେଧାଦେଶ ଜାରି କରିଛି । ୨୦୨୨ ନଭେମ୍ବରରେ ଆମେରିକା ଚୀନ କମ୍ପାନୀ ବିରୋଧରେ ତାହାର କାର୍ଯ୍ୟାନୁଷ୍ଠାନକୁ ଆହୁରି କଠୋର କରିଥିଲା । ପାଞ୍ଚଟି ଚୀନ କମ୍ପାନୀ ସହ ନୂଆ ଯୋଗାଯୋଗ ଉପକରଣ କ୍ରୟ ବିକ୍ରୟକୁ ଆମେରିକା ନିଷିଦ୍ଧ କରିଛି । ଏହା ସହିତ ନିଜର ମିତ୍ର ରାଷ୍ଟ୍ରମାନଙ୍କୁ ଚୀନ ଦ୍ୱାରା ପ୍ରସ୍ତୁତ ୫-ଜି ଟେକ୍‌ନୋଲୋଜି ଉପକରଣ ବ୍ୟବହାର ନ କରିବାକୁ ଆମେରିକା ମଧ୍ୟ ପ୍ରବର୍ତ୍ତାଇ ଆସୁଛି । ଏସବୁ ଘଟଣା ସ୍ୱାଭାବିକ ଭାବେ ଆମେରିକା-ଚୀନ ବାଣିଜ୍ୟ ସମ୍ପର୍କକୁ ପ୍ରଭାବିତ କରିଛି । ଏହା ମଧ୍ୟ ଗଣତାନ୍ତ୍ରିକ ରାଷ୍ଟ୍ର ଓ ଏକଛତ୍ରବାଦୀ ଶାସନ ବ୍ୟବସ୍ଥା ମଧ୍ୟରେ ପ୍ରତିଯୋଗିତାକୁ ଅଧିକ ତୀବ୍ର କରିଛି ।

ଚୀନ ଓ ରୁଷିଆଭଳି ଏକଛତ୍ରବାଦୀ ରାଷ୍ଟ୍ରଙ୍କ ଦ୍ୱାରା ଯୋଗାଯୋଗ ଟେକ୍‌ନୋଲୋଜି କ୍ଷେତ୍ରରେ ଯେଉଁ ଆହ୍ୱାନ ସୃଷ୍ଟି ହୋଇଛି ତାହାର ମୁକାବିଲା ପାଇଁ ଆମେରିକା ସମଭାବାପନ୍ନ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କୁ ଏକଜୁଟ କରିବାକୁ ଚେଷ୍ଟା କରୁଛି । ଉଦାହରଣ ସ୍ୱରୂପ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନସନ ଏକ ଡି-୧୦ ବିଚାର ଉପସ୍ଥାପିତ କରିଥିଲେ । ଏଥିରେ ୧୦ଟି ଗଣତାନ୍ତ୍ରିକ ରାଷ୍ଟ୍ରଙ୍କର ଏକ ମେଣ୍ଟ ଗଠନ କରି ୫-ଜି ଓ ଅନ୍ୟାନ୍ୟ ନୂଆ ଟେକ୍‌ନୋଲୋଜିର ବିକଳ୍ପ ଯୋଗାଣ ଶୃଙ୍ଖଳା ସୃଷ୍ଟି କରିବା ଥିଲା ଏହାର ଉଦ୍ଦେଶ୍ୟ ।

୫-ଜି ଟେକ୍‌ନୋଲୋଜିର ଯେଉଁ ସାଇବର ନିରାପତ୍ତା ବିପଦ ରହିଛି ତାହା କେବଳ ଚୀନ ଟେଲିକମ୍ କମ୍ପାନୀଗୁଡ଼ିକର ଆଧିପତ୍ୟ ଓ ହାର୍ଡୱେୟାରରେ ସୀମିତ ନୁହେଁ । ଭୂ-ରାଜନୀତିକ ପ୍ରତିଦ୍ୱନ୍ଦ୍ୱିତା, ବ୍ୟାବସାୟିକ ଉଦ୍ଦେଶ୍ୟ ଓ ଡାଟା ହାରଭେଷ୍ଟିଙ୍ଗ ଆଦି ଯୋଗୁଁ ଏବେ ସାଇବର ଆକ୍ରମଣ ଘଟଣା ଅଧିକ ଘଟୁଛି । ଏ କ୍ଷେତ୍ରରେ କେତେକ ଦେଶ ଓ ସଂସ୍ଥା ମଧ୍ୟ ସଙ୍ଗଠିତ ଭାବେ କାମ କରି ସାଇବର ଆକ୍ରମଣ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି । ଜାତୀୟ ବିକାଶ ଓ ଅର୍ଥନୀତିକ ଅଭିବୃଦ୍ଧିରେ ୫-ଜିର ବିଶେଷ ଗୁରୁତ୍ୱ ରହିଛି । ସେହି ଦୃଷ୍ଟିରୁ ୫-ଜି କମ୍ୟୁନିକେସନ ନେଟୱାର୍କ ଉପରେ ଆକ୍ରମଣ କରିବା ଏବଂ ଏଥିରେ ଅନ୍ତର୍ଘାତୀ କାର୍ଯ୍ୟ ଭିଆଇବା ପାଇଁ କିଛି ଶତ୍ରୁପକ୍ଷ ଓ ଗୋଷ୍ଠୀ ସଦା ତତ୍ପର । ଏଥିରେ ସେମାନେ ୫-ଜି ନେଟୱାର୍କ ଓ ବ୍ୟବସ୍ଥାରେ ଥିବା ତ୍ରୁଟି ବିଚ୍ୟୁତି, ଦୁର୍ବଳତାକୁ ପ୍ରଥମେ ଖୋଜିବେ । ତାହାର ସୁଯୋଗ ନେଇ ସାଇବର ଆକ୍ରମଣକାରୀ ସମଗ୍ର ନେଟୱାର୍କକୁ ଅଚଳ କରିଦେବାର ଆଶଙ୍କା କରାଯାଉଛି । ସେ ଦୃଷ୍ଟିରୁ ୫-ଜି ପାଇଁ ଅଧିକ ସୁଦୃଢ଼ ଓ ନିରାପଦ ସଂଯୋଗ ବ୍ୟବସ୍ଥା, ଉନ୍ନତ ଯନ୍ତ୍ରପାତି ଓ କାର୍ଯ୍ୟକାରିତା ଲୋଡ଼ା । ଏକ ଆକଳନ ଅନୁସାରେ ୨୦୨୫ ସୁଦ୍ଧା ଆଇଓଟି ଡିଭାଇସ ସଂଯୋଗ ସଂଖ୍ୟା ପ୍ରାୟ ୨୭ ବିଲିୟନରେ ପହଞ୍ଚିବ । ଏହାର ସଂଯୋଗ ଓ ବ୍ୟବହାର ପରିସର ଯେତେ ବ୍ୟାପକ ହେବ ସାଇବର ବିପଦ ଆଶଙ୍କା ସେତେ ବଢ଼ିବ । ଏଭଳି ଘଟଣାମାନ ଇତିମଧ୍ୟରେ ଘଟିସାରିଲାଣି ।

୫-ଜି କ୍ଷେତ୍ରରେ ଆଉ ଏକ ବଡ଼ ସମସ୍ୟା ହେଲା ବ୍ୟକ୍ତିଗତ ଗୋପନୀୟତା ପ୍ରତି ବିପଦ । ୫-ଜି ନେଟୱାର୍କ ୪-ଜି ଭଳି ପରିବ୍ୟାପ୍ତ ନୁହେଁ । ସେଥିପାଇଁ ଅଧିକ ଆଣ୍ଟେନା ଓ ବେସ୍‌ଷ୍ଟେସନର ଆବଶ୍ୟକତା ପଡ଼ିଥାଏ । ଏହାଦ୍ୱାରା ମୋବାଇଲ ଫୋନ୍ ଟ୍ରାକିଂ, ଇଣ୍ଟରନେଟ ବ୍ୟବହାରକାରୀଙ୍କୁ ଠାବ କରି ସେମାନଙ୍କ ଡିଭାଇସର ଭିତର ବାହାର ଜାଣିବା ଆକ୍ରମଣକାରୀଙ୍କ ପାଇଁ ସହଜ ଓ ନିର୍ଭୁଲ ହୋଇଥାଏ । ଏହାର ସୁଯୋଗ ନେଇ ଆକ୍ରମଣକାରୀ ଉପଭୋକ୍ତାର ବ୍ୟକ୍ତିଗତ ଗୋପନୀୟତା ସମ୍ପର୍କରେ ସହଜରେ ତଥ୍ୟ ହାସଲ କରିପାରେ । ୫-ଜିର ଆଉ ଏକ ଅସୁବିଧା ହେଲା ଏହା ପୂର୍ବ ଜେନେରେସନର ମୋବାଇଲ ନେଟୱାର୍କର କିଛି ତ୍ରୁଟି ଓ ଦୁର୍ବଳତାକୁ ଉତ୍ତରାଧିକାର ସୂତ୍ରରେ ପାଇଛି । ସେଥିରୁ ଗୋଟିଏ ହେଲା ଇଣ୍ଟରନ୍ୟାଶନାଲ ମୋବାଇଲ ସବ୍‌ସ୍କ୍ରାଇବର ଆଇଡେଣ୍ଟିଟି (ଆଇଏମ୍‌ଏମ୍‌ଆଇ) । ଏଥିରେ ମୋବାଇଲ ନମ୍ବରକୁ ବ୍ୟବହାର କରି ଉପଭୋକ୍ତାଙ୍କ ମୋବାଇଲ ନେଟୱାର୍କକୁ ଚିହ୍ନଟ କରିବା ସହଜ । ସାଇବର ଆକ୍ରମଣକାରୀ ଆଇଏମ୍‌ଏସ୍‌ଆଇକୁ ବ୍ୟବହାର କରି ମୋବାଇଲ ଟ୍ରାଫିକରେ ବ୍ୟାଘାତ ସୃଷ୍ଟି କରିବା ସହିତ ସମ୍ପୃକ୍ତ ଉପଭୋକ୍ତାଙ୍କ କାର୍ଯ୍ୟକଳାପ, ଲୋକେସନ ଠାବ ଏବଂ କଲ୍‌ରେ ହସ୍ତକ୍ଷେପ କରିବାର ସୁଯୋଗ ପାଇବେ ।

ସମଗ୍ର ବିଶ୍ୱରେ ୫-ଜି ନେଟୱାର୍କର ଦ୍ରୁତ ବିସ୍ତାର ହେଉଥିବାବେଳେ ପ୍ରମୁଖ କମ୍ପାନୀମାନେ ପରବର୍ତ୍ତୀ ପିଢ଼ିର ଟେକ୍‌ନୋଲୋଜି ଉପରେ କାମ ଆରମ୍ଭ କରିଦେଇଛନ୍ତି । କ୍ୱାଡ୍ ଦେଶ ସମୂହ ମହାକାଶଭିତ୍ତିକ ୬-ଜି ଯୋଗାଯୋଗ କ୍ଷେତ୍ରରେ କାମ କରିବାକୁ ଯୋଜନା କରିଛନ୍ତି । ଏଥିରେ ସାଇବର ନିରାପତ୍ତା ଟେକ୍‌ନୋଲୋଜିକୁ ଅଗ୍ରାଧିକାର ଦିଆଯାଇଛି । ତେଣେ ଚୀନ ମଧ୍ୟ ଅତ୍ୟାଧୁନିକ ୬-ଜି ଟେକ୍‌ନୋଲୋଜି ବିକାଶ ପାଇଁ ଗବେଷଣା ଓ ଉନ୍ନୟନ କାର୍ଯ୍ୟ ଆରମ୍ଭ କରିଦେଲାଣି ।

୫-ଜି ଡିଜିଟାଇଜେସନ ଓ ବିକାଶ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଏହାର ଟେକ୍‌ନୋଲୋଜି ଓ ନେଟ୍‌ୱାର୍କ ଡିଜାଇନ ଦୃଷ୍ଟିରୁ ନିରାପଦ ନୁହେଁ । ତେଣୁ ଭାରତ ଭଳି ଯେଉଁସବୁ ଦେଶ ୫-ଜି ଟେକ୍‌ନୋଲୋଜିକୁ କାର୍ଯ୍ୟକାରୀ କରୁଛନ୍ତି ସେମାନେ ସାଇବର ପ୍ରତିରୋଧୀ ଯୋଜନାକୁ ପ୍ରଥମେ କାର୍ଯ୍ୟକାରୀ କରିବା ଉଚିତ । ନିଜର ଡିଜିଟାଲ ଭିତ୍ତିଭୂମିକୁ ନିରାପଦ ନ କଲେ ସାଇବର ଆକ୍ରମଣ ଜନିତ ପରିସ୍ଥିତିର ମୁକାବିଲା କରିବା ସହଜ ହେବ ନାହିଁ । ଆକ୍ରମଣକାରୀ ଦିନକୁ ଦିନ ନିଜର ଯୋଜନା ଓ କାର୍ଯ୍ୟକ୍ରମ ବଦଳାଉଥିବାରୁ ସାଇବର ନିରାପତ୍ତା ପ୍ରତି ନିରନ୍ତର ଦୃଷ୍ଟି ଦେଇ ଏହାକୁ ସୁଦୃଢ଼ କରିବାକୁ ପଡ଼ିବ । ସାଇବର ସ୍ୱଚ୍ଛତା ବାହ୍ୟ ଆକ୍ରମଣକୁ ଅନେକାଂଶରେ ସଫଳତାର ସହିତ ମୁକାବିଲା କରିପାରିବ ।

(ସକାଳ ମିଡିଆ ସର୍ଭିସ୍)

# ଗଣତାନ୍ତ୍ରିକ ଶାସନରେ ଜନତାଙ୍କ ଭୂମିକା

**ଜଗନ୍ନାଥ ପ୍ରସାଦ ସାହୁ**
କଟକ, ମୋ: ୮୬୫୮୮୨୧୪୧୧

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନସାଧାରଣ ହେଉଛନ୍ତି ସାର୍ବଭୌମ କ୍ଷମତାର ଅଧିକାରୀ । ଜନସାଧାରଣଙ୍କ ସାମଗ୍ରିକ ଇଚ୍ଛା ଗଣତନ୍ତ୍ରରେ ପ୍ରତିଫଳିତ ହୋଇଥାଏ । ସେମାନେ ନିର୍ବାଚନ ମାଧ୍ୟମରେ ପ୍ରତିନିଧି ଚୟନ କରି ଶାସନ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି । ଜନସାଧାରଣଙ୍କ ଦ୍ୱାରା ସୃଷ୍ଟ ଗଣତାନ୍ତ୍ରିକ ସରକାର ରାଜନୈତିକ ସମାନତା, ଆଇନର ଶାସନ, ବ୍ୟକ୍ତିଗତ ମର୍ଯ୍ୟାଦା, ଦକ୍ଷ ପ୍ରଶାସନ, ରାଜନୈତିକ ସ୍ୱତନ୍ତ୍ରତା, ଜାତୀୟ ଚରିତ୍ର ଗଠନ, ସାମ୍ବିଧାନିକ ପଦ୍ଧତିରେ ସରକାର ପରିବର୍ତ୍ତନ, ଜନପ୍ରିୟ ସାର୍ବଭୌମତ୍ୱ, ମୁକ୍ତ ବିତର୍କ ଓ ଆଲୋଚନା, ଆତ୍ମନିର୍ଭରଶୀଳତା ବୃଦ୍ଧି ଆଦି ଜରିଆରେ ଜନତାଙ୍କ ଜୀବନଶୈଳୀକୁ ନିୟନ୍ତ୍ରଣ କରେ । ସମାନତା, ସ୍ୱାଧୀନତା, ନ୍ୟାୟ, ଅଧିକାର, ଆଇନ ଓ ଭ୍ରାତୃତ୍ୱ ଆଦି ଗଣତନ୍ତ୍ରର ଚରିତ୍ର ।

ଗଣତାନ୍ତ୍ରିକ ସରକାର ତା'ର ଚାରୋଟି ଅଙ୍ଗ(ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ) ମାଧ୍ୟମରେ ରାଷ୍ଟ୍ରର ସମସ୍ତ ଇଚ୍ଛାକୁ କାର୍ଯ୍ୟକାରୀ କରିଥାଏ । ସରକାରର ବ୍ୟବସ୍ଥାପିକା ଅଙ୍ଗ ଆଇନ ପ୍ରଣୟନ କରୁଥିବା ବେଳେ କାର୍ଯ୍ୟପାଳିକା ସେହି ଆଇନକୁ କାର୍ଯ୍ୟକାରୀ କରିଥାଏ । ସେହିପରି ନ୍ୟାୟପାଳିକା ଉଭୟ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କାର୍ଯ୍ୟକୁ ତର୍ଜମା କରିବା ସହିତ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନ ଓ ନାଗରିକମାନଙ୍କର ମୌଳିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିଥାଏ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲାଉଥିବା ଗଣମାଧ୍ୟମ ଗଣତନ୍ତ୍ରର ଉପରୋକ୍ତ ତିନୋଟି ଅଙ୍ଗ ସହିତ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥାଏ । ଅର୍ଥାତ୍ ଜନସାଧାରଣଙ୍କର ବିଭିନ୍ନ ସୁବିଧା ଓ ଅସୁବିଧାକୁ ନେଇ ସରକାରଙ୍କ ନିକଟରେ ପହଞ୍ଚାଇବା, ସରକାରଙ୍କର ବିଭିନ୍ନ ଯୋଜନା ଓ ଦୋଷ, ଦୁର୍ବଳତା ଆଦି ସହିତ ବ୍ୟବସ୍ଥାପିକାର ବିବିଧ ବ୍ୟବସ୍ଥା ଓ ନ୍ୟାୟପାଳିକାର ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ଆଦିକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଏ ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଯଦିଓ ଜନସାଧାରଣ ହେଉଛନ୍ତି ସାର୍ବଭୌମ କ୍ଷମତାର ଅଧିକାରୀ, ମାତ୍ର ଏହି ଯାନକୁ ଚଲାଇବା ନିମନ୍ତେ ଏକ ଦକ୍ଷ ଗାଡ଼ିଚାଳକ ବା ସରକାରର ଆବଶ୍ୟକତା ରହିଛି । ପୁନଶ୍ଚ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ପରିବର୍ତ୍ତନଶୀଳ ହୋଇଥିବାରୁ ନିର୍ଦ୍ଦିଷ୍ଟ ଶାସନକାଳ ମଧ୍ୟରେ ଜନସାଧାରଣଙ୍କ ବିଭିନ୍ନ ଦାବି ଓ ଇଚ୍ଛାକୁ ବିଚାର କରି ବିଭିନ୍ନ ଯୋଜନା ପ୍ରଣୟନ କରିଥା'ନ୍ତି । ଅପରପକ୍ଷେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନେକ ଅଳ୍ପଶିକ୍ଷିତ, ଅଜ୍ଞ ଓ ଦୁର୍ନୀତିଗ୍ରସ୍ତ ଲୋକ ନିର୍ବାଚନ ସମୟରେ ଅର୍ଥ ଓ ବାହୁବଳ ପ୍ରୟୋଗ କରି କ୍ଷମତା ହାସଲ କରୁଥିବା ଦେଖାଯାଏ । ଆମ ଦେଶରେ ନିରକ୍ଷରତା ଓ ରାଜନୈତିକ ଅଜ୍ଞତା ସହିତ ଦୃଢ଼ ମନୋବଳ ଓ ସଚେତନତାର ଅଭାବ ଯୋଗୁଁ ଏଭଳି ଉଦାହରଣ ଅଧିକ ଦେଖାଯାଉଛି । ଆଉ ଏକ କଥା ହେଲା ଯେତେବେଳେ ଜନସାଧାରଣ ଦେଶ ଶାସନ ଭାରକୁ ତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ହାତରେ ଟେକି ଦେଉଛନ୍ତି, ସେତେବେଳେ ସେମାନେ ଭାବୁଛନ୍ତି ଯେ ସରକାର ହିଁ ତାଙ୍କ ଦେଶର ଦାୟିତ୍ୱ ନେଲା । ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଆମ୍ଭମାନଙ୍କର ଆଉ କୌଣସି ଭୂମିକା କିମ୍ବା କର୍ତ୍ତବ୍ୟ ନାହିଁ । ମାତ୍ର ଏହି ଧାରଣା ଭୁଲ୍ । ବରଂ ଏହି ଗଣତାନ୍ତ୍ରିକ ଶାସନର ଗାଡ଼ିକୁ ଚଲାଇବାରେ ଜନସାଧାରଣ ସରକାରଙ୍କୁ ସହଯୋଗର ହାତ ବଢ଼ାଇବା ଉଚିତ । କାରଣ ଗଣତାନ୍ତ୍ରିକ ସରକାରରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଭାଗିଦାରୀ ଗୁରୁତ୍ୱପୂର୍ଣ୍ଣ ।

ଗଣତନ୍ତ୍ର ବ୍ୟକ୍ତିର ଅଧିକାର ଓ ସ୍ୱତନ୍ତ୍ରତା ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । ସେହିପରି ଗଣତନ୍ତ୍ରରେ ଗୋଟିଏ ମତର ମୂଲ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସମସ୍ତ ନାଗରିକ ମତଦାନ କରିବା ଉଚିତ୍ । ଶାସନରେ ଅଂଶଗ୍ରହଣ, ଜାଗ୍ରତ ଜନମତ ଏବଂ ସରକାରଙ୍କ କାର୍ଯ୍ୟକ୍ରମ ଉପରେ ସଚେତନ ରହି ସରକାରଙ୍କର ଅନ୍ୟାୟ, ଅତ୍ୟାଚାର, ଅପାରଗତା ବିରୁଦ୍ଧରେ ନାଗରିକମାନେ ସ୍ୱର ଉତ୍ତୋଳନ କରି ନିଜର ରାଜନୈତିକ ସ୍ୱତନ୍ତ୍ରତାକୁ ପ୍ରତିପାଦିତ କରିବା ଆବଶ୍ୟକ । ଆଜିର ଏହି ଆଧୁନିକ ସମାଜରେ ଆମେ ବାସ୍ତବଧର୍ମୀ ହୋଇ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା, ଆଞ୍ଚଳିକତା ଭଳି ସଂକୀର୍ଣ୍ଣତାଠାରୁ ଊର୍ଦ୍ଧ୍ୱରେ ରହି ସାମୂହିକ ଉନ୍ନତିରେ ବ୍ରତୀ ହୋଇପାରିଲେ ରାଷ୍ଟ୍ରୀୟ ସମସ୍ୟା ଓ ଦେଶର ମୌଳିକ ନୀତିନିୟମ ବିଷୟରେ ଜାଣିପାରିବା ।

ଗଣତାନ୍ତ୍ରିକ ସରକାରରେ ଜନସାଧାରଣ ପ୍ରତ୍ୟକ୍ଷ ଭାବରେ ଶାସନ କାର୍ଯ୍ୟକୁ ପରିଚାଳନା କରିବା ପାଇଁ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ସ୍ୱାୟତ୍ତ ଶାସନ ସଂସ୍ଥା ଗଠିତ ହୋଇଛି । ଏହାଦ୍ୱାରା ଜନସାଧାରଣ ନିଜ ଅଞ୍ଚଳକୁ ନିଜେ ଶାସନ କରିପାରିବେ । ଗଣତାନ୍ତ୍ରିକ ସରକାରରେ ନାଗରିକମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଉଚ୍ଚକୋଟୀର ହୋଇଥାଏ । ତେଣୁ ସେମାନେ ପ୍ରାକୃତିକ ସମ୍ପଦ ଓ ପ୍ରାକୃତିକ ପରିବେଶ ସମେତ ସର୍ବସାଧାରଣ ସମ୍ପତ୍ତିକୁ ସୁରକ୍ଷା କରିବା ସହିତ ତା'ର ଉନ୍ନତି ଦିଗରେ ବ୍ରତୀ ହେବା ଆବଶ୍ୟକ । ବିଭିନ୍ନ କଲ୍ୟାଣମୂଳକ ଯୋଜନା ପ୍ରତି ପ୍ରତ୍ୟେକ ନାଗରିକ ଜାଗ୍ରତ ରହି ନିଜର ହକ୍ ପାଇଁ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଉଚିତ୍ । ଏକ ଗଣତାନ୍ତ୍ରିକ ଦେଶର ଭବିଷ୍ୟତ ଏହାର ଜନସାଧାରଣଙ୍କ ଉପରେ ନିର୍ଭର କରେ । ସୁତରାଂ ଯେଉଁ ଦେଶର ଜନସାଧାରଣ ଯେତେ ସଯତ୍ନ, ଶିକ୍ଷିତ, ଜାଗ୍ରତ ଓ କର୍ତ୍ତବ୍ୟାନୁବନ୍ଧିତ, ସେହି ଦେଶର ଶାସନ ସେତେ ସଫଳତା ହାସଲ କରିବ ।

# ବୈଧାନିକ ସତର୍କତା ବନାମ ଆମ ଆଚରଣ

**ଡ. ଚିନ୍ତାମଣି ପଣ୍ଡା**
ଭବାନୀପାଟଣା, ମୋ: ୯୪୩୭୧୮୫୧୭୫

ଜନସାଧାରଣଙ୍କୁ ସମ୍ଭାବ୍ୟ ବିପଦରୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ବିଭିନ୍ନ ବିଭାଗ ଓ ସଂସ୍ଥା ପକ୍ଷରୁ ସତର୍କତାମୂଳକ ସୂଚନା ବା ଚେତାବନୀ ଜାରି କରାଯାଏ । ଅନେକ ସମୟରେ ନ୍ୟାୟପାଳିକାଙ୍କ ନିର୍ଦ୍ଦେଶମତେ ସର୍ବସାଧାରଣ ହିତରେ ମଧ୍ୟ ଏଭଳି ସତର୍କତାମୂଳକ ଚେତାବନୀ ଜାରି କରାଯାଏ । ଏହାକୁ ବୈଧାନିକ ସତର୍କତା ବୋଲି ମଧ୍ୟ କୁହାଯାଏ । କିନ୍ତୁ ଆମ ବିଶୃଙ୍ଖଳିତ ଆଚରଣ ଓ ମନୋଭାବ ଯୋଗୁଁ ଏଭଳି ସତର୍କତା ଚେତାବନୀ କେବଳ ଧର୍ମକୁ ଆଖିଠାର ଭଳି ହୋଇ ରହିଯାଉଛି ।

ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଏକ ନିୟାମକ ଜାରି କରି ପ୍ରତ୍ୟେକ ନିଶାଦ୍ରବ୍ୟ ଉପରେ 'ଏହାର ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ବୋଲି ଲେଖିବାକୁ ଆଦେଶ କରିଛନ୍ତି । ସେହିଭଳି ତମାଖୁ ଓ ତମାଖୁଜାତ ପ୍ୟାକେଟ୍ ଉପରେ ଏକ ବୈଧାନିକ ସତର୍କତା ଲେଖାଯିବା ସହିତ ମୁଖଗହ୍ୱର କର୍କଟର ଭୟଙ୍କର ଚିତ୍ର ଛାପି ବଜାରକୁ ଛଡ଼ାଯାଇଛି । କିନ୍ତୁ ଫଳ କ'ଣ ସମସ୍ତେ ଜାଣନ୍ତି । ନିଶାପ୍ରେମୀଗଣ ଏହାକୁ ଭ୍ରୂକ୍ଷେପ ନକରି ଅନାୟାସରେ ସେବନ କରି ଚାଲୁଛନ୍ତି । ସେଥିପାଇଁ କି ଗ୍ରାମାଞ୍ଚଳ, କି ସହରାଞ୍ଚଳ ସବୁଠି ରାସ୍ତାକଡ଼ରେ ପ୍ରାତଃଭ୍ରମଣରେ ଗଲାବେଳେ ମାଳମାଳ ବ୍ୟବହୃତ ଗୁଟଖା ପ୍ୟାକେଟ୍ ଓ ମଦ ବୋତଲ ଦେଖିବାକୁ ମିଳେ । ଏହି ଗୋଟିଏ ଉଦାହରଣ ନୁହେଁ, ଆଜିକାଲି ଅନେକ କ୍ଷେତ୍ରରେ ମଧ୍ୟ ବୈଧାନିକ ସତର୍କତା ତା'ବାଟରେ । ଆଉ ଲୋକଚରିତ୍ର ତା' ବାଟରେ ।

ସେହିଭଳି ଅତିଉଚ୍ଚ ବୈଦ୍ୟୁତିକ ଶକ୍ତି ସରବରାହ ହେଉଥିବା ତାରରେ ହୁକ ପକାଇ ଆମେ କେଉଁଠି ବିଜୁଳି ଚୋରି କଲେଣି ତ ପୁଣି କେଉଁଠି ବାରହା ଶିକାର ପାଇଁ ତାର ବିଛେଇଲେଣି । ସେଠାରେ ମଧ୍ୟ ଇଂରାଜୀ ଓ ହିନ୍ଦୀରେ 'ବିପଜ୍ଜନକ' ବୋଲି ସତର୍କସୂଚନା ଉଲ୍ଲେଖ ରହିବା ସହିତ ନିରକ୍ଷରମାନଙ୍କ ଜାଣିବା ପାଇଁ ଦୁଇଟି ହାଡ଼ ମଝିରେ ମଣିଷ ଖପୁରୀର ଚିତ୍ର ରହିଛି; କିନ୍ତୁ ମାନୁଛି କିଏ? ଆମେ ତ ସେଲଫି ନିଶାରେ ରେଳଇଞ୍ଜିନ୍ ଉପରକୁ ଉଠିଯାଇ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମରୁଛୁ । ପୁଣି ଆମେ ହାତୀ ଲାଞ୍ଜକୁ ଟାଣି କେତେବେଳେ ସେଲ୍‌ଫି ନେଲୁଣି ତ ଚିଡ଼ିଆଖାନାର ହିଂସ୍ରଜନ୍ତୁଙ୍କ ଖୁଆଡ଼କୁ ଡେଇଁ, କିଏ ପୁଣି ରାମଦୋଳିରେ ବିପଜ୍ଜନକ ଭାବେ ଠିଆ ହୋଇ, ପୁଣି କିଏ ନଦୀସ୍ରୋତକୁ ଝୁଲି ପଡ଼ିଥିବା ଗଛଡାଳରେ ଓହଳି ଫଟୋ ଉଠାଉଛି । ଏ ସବୁ ଦୁଃସାହସିକ ପଦକ୍ଷେପରେ ଲାଭ ଅପେକ୍ଷା ଜୀବନ ଯିବାର ଭୟ ଆଜିର ପିଢ଼ିକୁ ଡରେଇ ପାରୁନାହିଁ ।

ଆଧୁନିକ ମଣିଷ ଏପରି ଏକ ସ୍ତରରେ ପହଞ୍ଚିଲାଣି ଯେ, ସେ ଆଉ କୌଣସି ସରକାରୀ ନିୟମ କାନୁନ, କିମ୍ବା ସାମାଜିକ ଶୃଙ୍ଖଳାଗତ କଟକଣା ମାନିବାକୁ ପ୍ରସ୍ତୁତ ନୁହେଁ । ଏହାକୁ ଖୋରାକ ଯୋଗାଉଛି ଆମର ଦେଖେଇହେବାର ନିଶା । ସାହସିକତା ପ୍ରଦର୍ଶନ କରିବାକୁ ଯାଇ ନିଆଁ, ପାଣି, ଜନ୍ତୁ, ସମସ୍ତଙ୍କ ସହିତ ଖେଳ କରିବାକୁ ଆମେ ପଛେଇ ଯାଉନାହୁଁ । ଏପରି ମାନସିକତାରେ ଆମ ଆଗରେ ବୈଧାନିକ ସତର୍କତାର ମୂଲ୍ୟ କ'ଣ?

ନଦୀ, ସମୁଦ୍ର ଇତ୍ୟାଦି ବିପଦସଂକୁଳ ସ୍ଥାନରେ ଗାଧୋଇଲେ ସ୍ରୋତରେ ପଡ଼ିବାର ଆଶଙ୍କା ଅଛି ବୋଲି ଲେଖାଥିବା ସତ୍ତ୍ୱେ ଆମେ ଉତ୍ପାତ ହୋଇ ଗାଧୋଉଛୁ, ଥା'ନ୍ତୁ ପଛେ ମାଳ ମାଳ କୁମ୍ଭୀର । ଗୋଡ଼କୁ ନ ଟାଣିଲା ପର୍ଯ୍ୟନ୍ତ ଆମେ ମାନିବୁନି, ଆମେ ତ ବାହାଦୂର ନା! ଯେଉଁଠି 'ପାନଛେପ ପକାନ୍ତୁ ନାହିଁ' ଲେଖାଥିବ ଆମେ ପକେଇବୁ ଓ ଧୂମପାନ ମୁକ୍ତ ଅଞ୍ଚଳରେ ବିଡ଼ି ସିଗାରେଟ୍ ଖାଇବୁ, 'ଧୀରେ ଯା'ନ୍ତୁ' ଲେଖାଥିବା ଛକରେ କ୍ଷୀପ୍ରଗତିରେ ଯିବୁ, ଦଣ୍ଡମୁକ୍ତ ଅଞ୍ଚଳରେ ନିର୍ଘାତ ପିଟିବୁ, ଫଟୋ ଉଠାଇବା ମନା ଥିଲେ ଲୁଚିକି ଫଟୋ ଉଠେଇବୁ, ନିଷିଦ୍ଧାଞ୍ଚଳକୁ ଧସେଇ ପଶିବୁ । ସୁନା ହାର ପିନ୍ଧି ଜନଗହଳି ସ୍ଥାନରେ ବୁଲିବୁ । ଏ ସବୁ ଅମାନିଆପଣ ଆମର ଅସ୍ଥିମଜ୍ଜାଗତ ହୋଇ ଗଲାଣି । ଖାଲି ସେତିକି ନୁହେଁ । ଏସବୁ କରିବା ବେଳେ ଯଦି ମୃତ୍ୟୁମୁଖରେ ପଡୁ ତେବେ ଆମ ପରିବାର ସରକାରଙ୍କ ଆଗରେ କ୍ଷତିପୂରଣ ଦାବି କରିବା ସହ ଶବରଖି ରାଜରାସ୍ତାକୁ ଜାମ୍ କରି ଦେବୁ । ବିଷାକ୍ତ ମଦ ପିଇ ମଲେ ବି ସ୍ୱାଧୀନତା ସଂଗ୍ରାମୀଙ୍କ ପରି ସମ୍ମାନ ଦାବି କରିବୁ । ହିଂସ୍ର ଜନ୍ତୁଙ୍କ ଦ୍ୱାରା ସେଲ୍‌ଫି ନେଲାବେଳେ ଆଘାତପ୍ରାପ୍ତ ହେଲେ କି ବିଦ୍ୟୁତ ଚୋରି ବେଳେ ଝଟକା ଲାଗି ମଲେ କ୍ଷତିପୂରଣ ଦାବି କରିବୁ । କାରଣ ଏ ସବୁ ସରକାରଙ୍କର । ଏପରିକି ଅନେକ ସତର୍କତାମୂଳକ ଘୋଷଣା ତଥା ଡାକବାଜି ଯନ୍ତ୍ର ଦ୍ୱାରା ଅନୁରୋଧ ସତ୍ତ୍ୱେ ଭିଟାମାଟି ନଛାଡ଼ି ଯଦି ବନ୍ୟା କିମ୍ବା ମାଟି ଅତଡ଼ା ଧସି ମୃତ୍ୟୁ ହେଲା ତେବେ ବି ଆମେ କ୍ଷତିପୂରଣ ଦାବି କରିବୁ । କାରଣ ଏ ନଦୀ, ପର୍ବତ, ମେଘ, ବାତ୍ୟା, ବନ୍ୟା ସବୁ କିଛି ସରକାରଙ୍କର ।

ଏପରି ବିଚାରଧାରା ପୋଷଣ କରୁଥିବା ଅଧୁନାତନ ସମାଜ ପାଇଁ ବୈଧାନିକ ସତର୍କତା କେବଳ ଧର୍ମକୁ ଆଖିଠାର ଭଳି ନୁହେଁ କି?

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ନୂଆ କୌଶଳରେ ମୋବାଇଲ୍ ଚୋରି କରୁଛନ୍ତି ଲୁଟେରା



**ରାୟଗଡ଼ା,୨୨।୨(ସମିସ):** ନୂଆନୂଆ କୌଶଳକୁ ଆପଣାଇ ଲୋକଙ୍କଠାରୁ ମୋବାଇଲ୍ ଚୋରୀ କରୁଛନ୍ତି ଲୁଟେରା। ରାସ୍ତା ଉପରେ ଭାରସାମ୍ୟ ହରାଇ ବାଇକ ଚାଳକ ତଳେ ପଡ଼ିଯାଉଥିବାର ନାଟକ କରୁଥିବା ବେଳେ ତାଙ୍କୁ ସାହାଯ୍ୟ କରିବା ପାଇଁ ଆସୁଥିବା ବ୍ୟକ୍ତିଙ୍କ ପାଖରେ ଥିବା ମୋବାଇଲକୁ ଆଖି ପିଛୁଳାକେ ନେଇ ଫେରାର୍ ହେଉଯାଉଛନ୍ତି ମୋବାଇଲ ଲୁଟେରା। ରାୟଗଡ଼ା ସହରର ଷ୍ଟେଟ ବ୍ୟାଙ୍କ ଛକଠାରୁ ଶ୍ରୀ ଜଗନ୍ନାଥ ମନ୍ଦିର ରାସ୍ତା ମଧ୍ୟରେ ଘଟିଥିବା ଲୁଟ ସମୟର ଦୃଶ୍ୟ ସିସିଟିଭିରେ ରେକର୍ଡ ହୋଇଥିବାବେଳେ ଏହି ଭିଡିଓ ଏବେ ଜିଲ୍ଲାରେ ଭାଇରାଲ ହେଉଛି। ଜଣେ ବ୍ୟକ୍ତି ଏମ.ଜୟ ଏକ ଡାଇଗ୍ନୋଷ୍ଟିକକୁ ସେଣ୍ଟରକୁ ଆସିଥିବାବେଳେ ରାସ୍ତା ଉପରେ ଜଣେ ଯୁବକ ବାଇକ ରଖିବା ବାହାନାରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଉଥିବାର ନାଟକ କରିଥିଲେ। ବାଇକ ଆରୋହୀଙ୍କ ସହ ଆସିଥିବା ଅନ୍ୟ ଜଣେ ବ୍ୟକ୍ତି ଅଳ୍ପ ଦୂରରେ ଯାଇ ଛିଡ଼ା ହୋଇଥିଲେ। ବାଇକ ଚାଳକ ଜଣକ ତଳେ ପଡିଯାଉଥିବା ଦେଖି ଏମ.ଜୟ ତାଙ୍କୁ ସାହାଯ୍ୟ କରିବାକୁ ଯାଇଥିଲେ। ସେ ବାଇକକୁ ଉଠାଇବା ସମୟରେ ଅଳ୍ପ ଦୂରରେ ଠିଆ ହୋଇଥିବା ଅନ୍ୟ ଜଣେ ବ୍ୟକ୍ତି ଜଣଙ୍କ ଆସି ଚତୁରତାର ସହ ତାଙ୍କ ପକେଟରୁ ମୋବାଇଲକୁ ଚୋରି କରି ନେଇଥିଲେ। ଅଳ୍ପ କିଛି ସମୟ ପରେ ଏମ.ଜୟ ନିଜ ମୋବାଇଲକୁ ନ ପାଇ ଖୋଜାଖୋଜି କରିଥିବା ବେଳେ ପରେ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରେ ବାଇକ ଚାଳକଙ୍କୁ ସାହାଯ୍ୟ କରୁଥିବାବେଳେ ମୋବାଇଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଦୃଶ୍ୟ ଭାଇରାଲ ହେବା ପରେ ମୋବାଇଲ ଚୋରି ପାଇଁ ଚୋରମାନେ କିଭଳି ନୂଆ କୌଶଳ ଆପଣାଉଛନ୍ତି ସେ ନେଇ ଚର୍ଚ୍ଚା ଜୋର ଧରିଛି।

## ଶିକ୍ଷକଙ୍କ ଘରେ ଚୋରି ଘଟଣା; ଦୁଇ ଗିରଫ



**ରାୟଗଡ଼ା,୨୨।୨(ସମିସ):** ରାୟଗଡ଼ା ସହରର କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ମହନ୍ତଙ୍କ ଘରେ ହୋଇଥିବା ଚୋରୀ ଘଟଣାରେ ପୁଲିସ ୨ଜଣ ଚୋରଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ସେମାନେ ହେଲେ ରାୟଗଡ଼ା ସହରର ବ୍ୟାଙ୍କ କଲୋନୀ ଅଞ୍ଚଳର ଦେବାଶିଷ ବେହେରା (୩୦) ଓ ମହମ୍ମଦ ମୁସ୍ତାଫା (୩୫) ବୋଲି ଥାନା ଅଧିକାରୀ କେକେବିକେ କହଁରଙ୍କ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ପାଖରୁ ଚୋରି ହୋଇଥିବା ଲାପଟପ୍, ଟ୍ୟାବ୍ ସହ ଏକ ଦାମୀ ମୋବାଇଲକୁ ଜବତ କରାଯାଇଛି। ତେବେ ଚୋରୀ କରି ନେଇଥିବା ନଗଦ ୫୦ହଜାର ଟଙ୍କାକୁ ସେମାନେ ଖର୍ଚ୍ଚ କରି ଦେଇଥିବା ଜଣାପଡ଼ିଛି। ଚୋରୀ ଘଟଣାର ତଦନ୍ତକାରୀ ପୁଲିସ ଅଧିକାରୀ ସଞ୍ଜୟ କୁମାର ଛତର ଅଭିଯୁକ୍ତ ଦୁଇଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଥିବାବେଳେ ତଦନ୍ତ ବେଳେ ବିଭିନ୍ନ ସୂତ୍ରରୁ ଖବର ପାଇ ଅଭିଯୁକ୍ତ ଦୁହିଁଙ୍କୁ ଗିରଫ କରାଯାଇଥିବା କହିଛନ୍ତି। ରାୟଗଡ଼ା ଥାନା ପୁଲିସ ପକ୍ଷରୁ ସାହାଯ୍ୟ ମିଳିଥିବାରୁ କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ମହନ୍ତ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି।

## ତୋଲକଣା ଗ୍ରାମରେ ଖୋଳା ହେଲା ଗଭୀର ନଳକୂଅ



'ସକାଳ' ପ୍ରଭାବ

**ରାୟଗଡ଼ା,୨୨।୨(ସମିସ):** ଦୈନିକ ଓଡ଼ିଆ ଖବରକାଗଜ 'ସକାଳ'ରେ ଫେବୃଆରୀ ୧୬ତାରିଖରେ 'ହମେଇଗାଣ୍ଡା ଓ ତୋଲକଣା ଗ୍ରାମରେ ବିଦ୍ୟୁତ୍ ଓ ପାନୀୟ ଜଳ ସଙ୍କଟ' ଶୀର୍ଷକ ଏକ ଖବର ପ୍ରକାଶିତ ହୋଇଥିଲା। ପ୍ରକାଶିତ ସମସ୍ୟା ଖବର ସମ୍ପର୍କରେ ଅବଗତ ହେବା ପରେ ପଞ୍ଚାୟତରାଜ ଓ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ବୁଧବାରତୋଲକଣା ଗ୍ରାମରେଗଭୀରନଳକୂଅ ଖନନ ହୋଇଛି। ଯାହାକୁ ନେଇ ଗ୍ରାମବାସୀ ଖୁସିବ୍ୟକ୍ତ କରିବା ସହ ବିଭାଗୀୟ କର୍ତ୍ତୃପକ୍ଷ ଏବଂ 'ସକାଳ' ଖବରକାଗଜ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଥାଶୀଘ୍ର ପାଇପ ସଂଯୋଗ କରାଯାଇ ତୋଲକଣା ଓ ହମେଇଗାଣ୍ଡା ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଜଣାଇଛନ୍ତି। ରାୟଗଡ଼ା ଜିଲ୍ଲାର ସଦର ବ୍ଲକ ପିପଲଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ହାମେଇଗାଣ୍ଡା ଓ ତୋଲକଣା ଗ୍ରାମରେ ପାନୀୟ ଜଳ ସଙ୍କଟକୁ ନେଇ ଉଭୟ ଗ୍ରାମର ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଫେବୃଆରୀ ୧୫ତାରିଖରେ ଦୃଷ୍ଟି ଆକର୍ଷଣ କରିଥିଲେ।

## ୨୬ ଏକର ଜମିରୁ ୨୬ ହଜାର ଗଞ୍ଜେଇ ଗଛ ନଷ୍ଟ

**ନନ୍ଦପୁର,୨୨।୨(ସମିସ):** ପୁଣି ସୀମାନ୍ତ ପାଡୁଆ ପୁଲିସ, ବନ ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ଅପରେସନ ଗ୍ରୀନ କ୍ଲିନ୍ ଆରମ୍ଭ କରାଯାଇଛି। କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଏସଡିପିଓ ସମ୍ବିତ କୁମାର ମାଝୀଙ୍କ ନେତୃତ୍ୱରେ ସ୍ଥାନୀୟ ମାଜିଷ୍ଟ୍ରେଟ ଅନାଦୀ ଚରଣ ସାହୁଙ୍କ ଉପସ୍ଥିତିରେ ଗୁରୁବାର ପାଡୁଆ ପୁଲିସ ୨୬ ଏକର ଗଞ୍ଜେଇ ଚାଷ ନଷ୍ଟ କରିଛି। ଆଇଆଇସି ଅଶୋକ କୁମାର ବିଶୋଇଙ୍କ ସହ ଏସ୍ଆଇ ହିମାଂଶୁ ଶେଖର ବେନିଆ, ଟୁନା ଶବର, ଏଏସ୍ଆଇ ରାମ କଡକାମୀଙ୍କ ସମେତ ଡିଭିଏଫ୍ ଫୋର୍ସ ପାଡୁଆ ଥାନା ଅଧୀନସ୍ଥ ମାଳି ଭୀମଡଳ, ପରଜା ଭୀମଡଳ, ମାଳି ଆମ୍ବେଲ ଜଙ୍ଗଲରେ ସକାଳୁ ସକାଳୁ ଅପରେସନ ଆରମ୍ଭ କରିଥିଲା। ସନ୍ଧ୍ୟା ସୁଦ୍ଧା ୨୬ ଏକର ଜଙ୍ଗଲ ଜମିରେ ୨୬ ହଜାର ଗଞ୍ଜେଇ ଗଛ ନଷ୍ଟ କରିବାରେ ସଫଳ ହୋଇଛି ପୁଲିସ। ତେବେ ପୁଣି କିଛି ଦିନର ନିରବତା ପରେ ପୁଲିସର କାର୍ଯ୍ୟାନୁଷ୍ଠାନ ବ୍ୟବସାୟୀ ଓ ଅବୈଧ ଚାଷୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

## ଗାଦବା ପାରମ୍ପରିକ ବସ୍ତ୍ର କେରଙ୍ଗ ବୁଣାକାରଙ୍କୁ ସମ୍ବର୍ଦ୍ଧନା



**କୋରାପୁଟ,୨୨।୨(ସମିସ):** ବିଶ୍ୱ ଦରବାରରେ ଚମକିବ ଗାଦବା ଜନଜାତିଙ୍କ ବସ୍ତ୍ର କେରଙ୍ଗ। ସ୍ଥାନୀୟ ଆଦିବାସୀ ଗବେଷଣା କେନ୍ଦ୍ର କୋଟସ୍ ଦ୍ୱାରା ଲମତାପୁଟର ରାୟପଡ଼ା ଗ୍ରାମର ମହିଳା ଓ ପୁରୁଷ ବୁଣାକାରଙ୍କୁ ଗାଦବା ଜନଜାତିର ଲୁପ୍ତପ୍ରାୟ କେରଙ୍ଗ ବସ୍ତ୍ରର ପୁନରୁଦ୍ଧାର କରି ନୂତନ ଭାବେ ବସ୍ତ୍ରବୁଣା ଆରମ୍ଭ କରିଥିବା ଯୋଗୁଁ ବୁଣାକାରଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ କୋଟସର ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଇନଟାକର ଡ. ପରେଶ ରଥ, ସଂସ୍କୃତି ଗବେଷକ ରାଜେନ୍ଦ୍ର ପାଢ଼ୀ, ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଡ. ଜଗବନ୍ଧୁ ସାମଲ, ମହିଳା ବୁଣାକାର ରୀନା କିର୍ଷାନୀ ପ୍ରମୁଖ ଉପସ୍ଥିତ ଥିଲେ। ଗଦବା ଜନଜାତିର କେରଙ୍ଗ ବସ୍ତ୍ର ଓ ତନ୍ତକୁ ପୁନଃ ପ୍ରଚଳିତ କରିବା ପାଇଁ ଇନଟାକ, କୋଟସ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସଫଳତା ଆଣୁଛି। ଲୁପ୍ତପ୍ରାୟ କେରଙ୍ଗ ବସ୍ତ୍ରକୁ ପୁନରୁଦ୍ଧାର କରିବା ସହିତ କେରଙ୍ଗ ଚାରାରୋପଣ ଓ ପ୍ରାକୃତିକ ରଙ୍ଗ ପ୍ରଦାନ କରିଥିବା ଜାମ୍ବ୍ରା ଗଛ, ସିନ୍ଦୂର, ସିଉନା ବୃକ୍ଷ ପ୍ରଭୃତିର ବ୍ୟାପକ ପ୍ରସାର ପାଇଁ ଇନଟାକର ପ୍ରଚେଷ୍ଟା ଗଦବା ଜନଜାତିର ବୁଣାକାରଙ୍କ ପାଇଁ ଆଶା ଓ ସମ୍ଭାବନା ଆଣିଛି। କୋରାପୁଟ ଜିଲ୍ଲା ପ୍ରଶାସନର ଓରମାସ, ହସ୍ତତନ୍ତ ବିଭାଗ ଓ ଆଇଟିଡିଏର ଅଧିକାରୀମାନେ ଲମତାପୁଟ, କାଙ୍ଗରପଡ଼ା, ଗୋଡ଼ିହଞ୍ଜର, ସୁଏଲପଡ଼ା ଓ ରାୟପଡ଼ାରେ ଗଦବା ଜନଜାତିର ମହିଳା ଓ ପୁରୁଷଙ୍କ ସହିତ ଆଲୋଚନା କରି ନିରନ୍ତର ଭାବେ କାର୍ଯ୍ୟ କରି ଏହି ସଫଳତା ଆଣିପାରିଛନ୍ତି। କୋରାପୁଟ ଜିଲ୍ଲାରେ ଇନଟାକ ଦ୍ୱାରା ଏପରି ଏକ ଯୋଜନା କରାଯାଉଥିବା ଯୋଗୁଁ ସାଧାରଣରେ ପ୍ରଶଂସା କରାଯାଇଛି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଉମରକୋଟ,୨୨।୨(ସମିସ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିକଳାଙ୍ଗ, ଦିବ୍ୟାଙ୍ଗ, ବଡ଼ଭରଣ୍ଡି ପଞ୍ଚାୟତ ଓ କାରାଗାଁ ପଞ୍ଚାୟତର ମୁଣ୍ଡିଗୁଡ଼ା ଗ୍ରାମଠାରେ ମଧୁବାବୁ ପେନସନ୍ ଯୋଜନା ଆନୁକୂଲ୍ୟରେ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧୁବାବୁ ପେନସନ୍ ଯୋଜନାରେ ସାମିଲ ହୋଇଥିବା ନୂତନ ହିତାଧିକାରୀମାନଙ୍କୁ ୧୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଉମରକୋଟର ୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ଡାଳିମ୍ବ ଭତ୍ରା, ଉମରକୋଟ ପଞ୍ଚାୟତ ଏବଂ ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝୀ, ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବର, ପିଇଓ, ଜିଆର୍ଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଏବଂ ପୁରୁଣା ହିତାଧିକାରୀମାନଙ୍କୁ ୧୦୦୦ ଟଙ୍କା ପ୍ରଦାନ କରାଯାଇଛି।

■ ଲରି ସଂଘ କର୍ମକର୍ତ୍ତାଙ୍କ ଗୁଣ୍ଡାରାଜ ଘଟଣା

## କାର୍ଯ୍ୟାନୁଷ୍ଠାନ ପାଇଁ କାଜୁ ମିଲ୍ ସଂଘର ଦାବିପତ୍ର ପ୍ରଦାନ

**ଜୟପୁର,୨୨।୨(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମାଠାରେ ଗତ ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ମିଲ୍ ଉପରେ ଜୟପୁର ଲରି ଆସୋସିଏସନର କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଓ ଗୁଣ୍ଡାଙ୍କ ଚଢ଼ଉ ଏବଂ ୨ ଜଣ ମିଲ ମାଲିକଙ୍କ ମରଣାନ୍ତକ ଆକ୍ରମଣ, ସୁନାଚେନ ଏବଂ ଟଙ୍କା ଲୁଟ କରିଥିବା ନେଇ ବୋରିଗୁମ୍ମା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଗୋଟିଏ ମିଲର ଡ୍ରାଇଭର ଏବଂ ଖଲାସୀଙ୍କୁ ମଧ୍ୟ ଲରି ସଂଘର କର୍ମଚାରୀ ଏବଂ ଗୁଣ୍ଡାମାନେ ଆକ୍ରମଣ କରିବା ସହ ମାଡ଼ ମାରିଥିଲେ। ତେଣୁ ତୁରନ୍ତ ଆକ୍ରମଣକାରୀ ଲରି ଓନର୍ସ ସଂଘର ଅଭିଯୁକ୍ତ କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ୩୦ରୁ ଊର୍ଦ୍ଧ୍ୱ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଜିଲ୍ଲା କାଜୁ ପ୍ରସ୍ତୁତକାରୀ ମିଲ୍ ସଂଘ ପକ୍ଷରୁ ସଭାପତି ପି. ରମେଶ, ସମ୍ପାଦକ ଏସ୍. ନବୀନ କୁମାର, ଆଇନ ପରାମର୍ଶଦାତା ମନୋସିସ୍ ପଣ୍ଡା ପ୍ରମୁଖ କାର୍ଯ୍ୟାନୁଷ୍ଠାନ ଦାବି କରି ଜୟପୁର ଟାଉନ ଥାନାରେ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଜିଲ୍ଲାପାଳ ଓ ଜିଲ୍ଲା ଏସପିଙ୍କୁ ପ୍ରଦାନ କରିଛନ୍ତି। ବୋରିଗୁମ୍ମା ଥାନାରେ ଦୁଇଟି ପୃଥକ ଅଭିଯୋଗ କ୍ରମେ ଆକ୍ରମଣକାରୀ ଜୟପୁର ଲରି ସଂଘର କର୍ମକର୍ତ୍ତା ସୁରିଆ ରାଓ, କେ.ଡାଲ ନାଇଡୁ ଏବଂ ଅନ୍ୟାନ୍ୟ ୫୦ ଜଣଙ୍କ ନାମରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବୋରିଗୁମ୍ମାର କୁନ୍ଦ୍ରାଗୁଡ଼ା ଏବଂ ନୂଆଗାଁ ସ୍ଥିତ ଦୁଇଟି ମିଲରୁ ବାହାର ରାଜ୍ୟକୁ ଚାଉଳ, ଖୁଦ ବିକ୍ରି ଉଦ୍ଦେଶ୍ୟରେ ପଶ୍ଚିମବଙ୍ଗ ରାଜ୍ୟର ଏକ ଟ୍ରକରେ ବୋଝେଇ ହେଉଥିବାବେଳେ ଲରି ଓନର୍ସ ଆସୋସିଏସନର ସଦସ୍ୟମାନେ ସେଠାରେ ପହଞ୍ଚି ବାହାର ରାଜ୍ୟର ଟ୍ରକରେ ବୋଝେଇ କାହିଁକି କରାଯାଉଛି ବୋଲି ଅଭିଯୋଗ କରିବା ସହିତ ମିଲ୍ ମାଲିକମାନଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ବିଭିନ୍ନ ମାରଣାସ୍ତ୍ର ନେଇ ଆକ୍ରମଣ କରିବା ସହିତ ଜୀବନରେ ମାରିବାକୁ ଧମକ ଦେଇଥିଲେ। ଏନେଇ ଜିଲ୍ଲା ରାଇସ ମିଲ୍ ମାଲିକ ସଂଘ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରାଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ୩ ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି।

## ଚେନ୍ନାଇ ଯିବ କଳା ଧାନ ଓ କାଙ୍ଗୁ ଚାଉଳ

**କୋରାପୁଟ,୨୨।୨(ସମିସ):** ଚେନ୍ନାଇ ଫ୍ରେସ୍ ପିକଜେଡ୍ କମ୍ପାନୀ କୋରାପୁଟ ଜିଲ୍ଲାରୁ କଳା ଧାନ, କାଙ୍ଗୁ, ସୁଆଁ, ମାଣ୍ଡିଆ, ହଳଦୀ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ନେବାକୁ ଆଗ୍ରହ ପ୍ରକାଶ କରିଛି। ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହା ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜୈବଶ୍ରୀ କୃଷକ ଉତ୍ପାଦକ ସଂଘ, କାପକୋ ଓ ଆଞ୍ଚଳିକ ମହିଳା ଉତ୍ପାଦକ ସଂଘ କର୍ମକର୍ତ୍ତାଙ୍କ ଉପସ୍ଥିତିରେ କୋରାପୁଟ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅରୁଣ କୁମାର ଜେନା ଏବଂ ଫ୍ରେସ୍ ପିକଜେଡ କମ୍ପାନୀର ପ୍ରତିଷ୍ଠାତା କାନନ୍ ଆଲାଗାର ସାମିଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ସମ୍ପୃକ୍ତ କମ୍ପାନୀ କୋରାପୁଟ ଜିଲ୍ଲାରୁ ଚଳିତ ବର୍ଷ କଳା ଧାନ ୧୦୦ ଟନ୍, ସୁଆଁ ୫୦୦ ଟନ୍, ମାଣ୍ଡିଆ ୩୦୦ ଟନ୍, ତେନ୍ତୁଳି ୫୦୦ ଟନ୍, ତେନ୍ତୁଳି ମଞ୍ଜି ୪୦୦ ଟନ୍ ସମେତ ଅଦା, ହଳଦୀ ନେବାକୁ ଚୁକ୍ତିପତ୍ର ସ୍ୱାକ୍ଷର କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୫ ଟନ୍ କଳା ଧାନ ନେବ ବୋଲି ଆର୍ଏମସି ସମ୍ପାଦକ ଅରୁଣ କୁମାର ଜେନା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି ଇ-ନାମ ମଣ୍ଡି ଏନାଲିସିଷ୍ଟ ଅରୁଣ କୁମାର ପ୍ରଧାନ, ଗ୍ରାଣ୍ଡ ଥୋର୍ମ ଟନ ମୁଖ୍ୟ ମାଲଖାନ ସିଂ ଏବଂ ଏଫପିଓ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।



## ଡ୍ରାଇଭର ମହାସଂଘ ନୂତନ ଗୋଷ୍ଠୀକେନ୍ଦ୍ରର ଶିଳାନ୍ୟାସ



**ବିଷମକଟକ,୨୨।୨(ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ଡ୍ରାଇଭର ମହାସଂଘର ନୂତନ ଗୋଷ୍ଠୀକେନ୍ଦ୍ରର ଭୂମି ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡ୍ରାଇଭର ମହାସଂଘର ଏହି ଭୂମି ପୂଜା ଉତ୍ସବ ଉପଲକ୍ଷେ ଗୁରୁବାର ଶତାଧିକ ଡ୍ରାଇଭର ଏକତ୍ରିତ ହୋଇ ପ୍ରଥମେ ବିଷମକଟକ ସହରର ଅଧିଷ୍ଠାତ୍ରୀ ମା' ମାର୍କମା ମନ୍ଦିରରେ ପହଞ୍ଚି ମନ୍ତ୍ରୀ ଶ୍ରୀ ସାରକାଙ୍କ ସହ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଏକ ବିରାଟ ବାଇକ୍ ରାଲିରେ ମନ୍ତ୍ରୀଙ୍କ ସହ ବାହାରି ଛାଞ୍ଚଡ଼ାଗୁଡ଼ା ପଞ୍ଚାୟତ ଅଧୀନରେ ଥିବା ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚି ଡ୍ରାଇଭର ମହାସଂଘର ନୂତନ ଗୋଷ୍ଠୀକେନ୍ଦ୍ର ପୂଜା ଉତ୍ସବରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ନୂତନ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ସାଧାରଣ ସଭାରେ ମୁଖ୍ୟ ଅତିଥି ତଥା ମନ୍ତ୍ରୀ ଶ୍ରୀ ସାରକା ଯୋଗଦେଇ ଡ୍ରାଇଭରମାନଙ୍କ ଭୂମିକା କଣ ରହିଛି ତାହା ଉପରେ ଆଲୋଚନା କରିବା ସହ ସେମାନଙ୍କୁ ପ୍ରଶଂସା କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ, ମଞ୍ଚାସୀନ ଅତିଥି ଭାବେ ସ୍ଥାନୀୟ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡ୍ଡୀ, ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ ଓ ଛାଞ୍ଚଡ଼ାଗୁଡ଼ା ସରପଞ୍ଚ ଚଞ୍ଚଳା ୱାଡ଼ାକା ଯୋଗଦେଇଥିଲେ। ସୂଚନାନୁଯାୟୀ, ବିଷମକଟକ ଡ୍ରାଇଭର ମହାସଂଘର ଡ୍ରାଭର ଦିବସରେ ମନ୍ତ୍ରୀ ଶ୍ରୀ ସାରକା ଡ୍ରାଇଭର ମହାସଂଘକୁ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଭୂମି ଦେବା ସହ ସରକାରଙ୍କ ଅନୁଦାନରୁ ୫ ଲକ୍ଷ ଟଙ୍କା ଘୋଷଣା କରିଥିଲେ। ସେହି ଗୋଷ୍ଠୀକେନ୍ଦ୍ରର ଭୂମିପୂଜା ଉତ୍ସବ ଆଜି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଷମକଟକ ଡ୍ରାଇଭର ମହାସଂଘର ସଭାପତି ସୁଧିପ କୁମାର ପଣ୍ଡା, ଉପ ସଭାପତି ଜସ୍କେସନ ଦରା, ସହ ସମ୍ପାଦକ ସନାତନ ଦରା ଏବଂ ଜିଲ୍ଲା ସଭାପତି ଜିତେନ୍ଦ୍ର ନାୟକ, ଉପଦେଷ୍ଟା କାନୁ ଗୌଡ଼ ଉପସ୍ଥିତ ରହି କାର୍ଯ୍ୟକ୍ରମର ସମ୍ପାଦନ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




**ଚନ୍ଦ୍ରପୁର,୨୨।୨(ସମିସ):** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ସଭାଗୃହରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ସାମାଜିକ ସୁରକ୍ଷା ଅଧିକାରୀ ରୋହିତ କୁମାର ପଣ୍ଡା, ରାୟଗଡ଼ା ଭିନ୍ନକ୍ଷମ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ସମ୍ପାଦକ ଅମରେନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିରରେ ୮ଟି ଗ୍ରାମପଞ୍ଚାୟତରୁ ପ୍ରାୟ ୩୦୦ଜଣ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ କରିଥିଲେ। ବ୍ଲକର କର୍ମଚାରୀ ସୁମାଲିଆ ରାଇକା, ଶ୍ରବଣ କୁମାର ସିଂ, ଉଗ୍ରେଶନ ପାତ୍ର, ଦିଲୋନ କୁମାର ଗୌଡ଼, ଫିରୋଜ ସୂର୍ଯ୍ୟ, ବଳରାମ ଭୂୟାଁ, ସିପୁନ ପାଣିଗ୍ରାହୀ ନାମ ପଞ୍ଜୀକରଣ କରିଥିଲେ। ରାୟଗଡ଼ାରୁ ଆସିଥିବା ଚକ୍ଷୁ ବିଶେଷଜ୍ଞ ଡ. ଏମ ସୁରେଶ କୁମାର, ଅସ୍ଥିଶଲ୍ୟ ବିଭାଗର ଡା. ରଞ୍ଜନ କୁମାର ସାହୁ, ଗଳା, ନାସା ଓ କର୍ଣ୍ଣ ଡା. ସଂଘମିତ୍ରା ପାତ୍ର, ମେଡିସିନ ଡା. ଏ ଗୌରୀ ଶଙ୍କର, ଫାର୍ମାସୀ ଅଫିସର ଜଗନ୍ନାଥ ନାୟକ ଉପସ୍ଥିତ ରହି ଏହିଶିବିରରେ ୩୦୦ ଜଣ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଗାମୀ ଦିନରେ ଏହାକୁ ଅନୁମୋଦନ କରାଯାଇ ସୁବିଧାସୁଯୋଗ ଦିଆଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଅଧିକାରୀ ରୋହିତ କୁମାର ପଣ୍ଡା ପରିଚାଳନା କରିଥିଲେ।

## ତିନି ମୋଟର ସାଇକଲ ଚୋର କୋର୍ଟ ଚାଲାଣ

**ଲକ୍ଷ୍ମୀପୁର,୨୨।୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବୁର୍ଜା ଗ୍ରାମର ସତ୍ୟଭାମା ଗରଡ଼ା ନାମକ ଜଣେ ମହିଳାଙ୍କ ଗ୍ଲାମର ମୋଟର ସାଇକଲ ୨୦୨୩ ମସିହାରେ ଚୋରି ହୋଇଥିଲା। ଏହି ଗାଡ଼ି ସତ୍ୟଭାମାଙ୍କ ସମ୍ପର୍କୀୟଙ୍କ ଘର ଦାଣ୍ଡରେ ଥିବା ସମୟରେ ଚୋରି ହୋଇଥିବା ନେଇ ଏକ ଲିଖିତ ଅଭିଯୋଗ ଲକ୍ଷ୍ମୀପୁର ଥାନାରେ ଗାଡ଼ି ମାଲିକ ଦେଇଥିଲେ। ପୁଲିସ୍ ଏନେଇ ତନାଘନା କରିଥିଲା। ଏହି ଘଟଣାରେ ପୁଲିସ ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଭାକୁରଗୁଡ଼ା ଗ୍ରାମର ତିନି ଜଣ ଚୋର ଗୋଟିଏ ମୋଟର ସାଇକଲ ଚୋରି କରି ବିକ୍ରି କରୁଥିବା ଖବର ପାଇ ବୁଧବାର ରାତିରେ ଚଢ଼ଉ କରିଥିଲା। ତାଙ୍କଠାରୁ ଏହି ଚୋରି ଗାଡ଼ିକୁ ଜବତ କରି ଲକ୍ଷ୍ମୀପୁର ଥାନାକୁ ଆଣିବା ସହ ଉକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ତିନି ଚୋରଙ୍କ ମଧ୍ୟରେ ଦୁଇ ଜଣ ନାବାଳକ ରହିଥିବାବେଳେ ଉକ୍ତ ଗ୍ରାମର ଦଣ୍ଡାସି ହୁଇକାଙ୍କ ପୁଅ ଶ୍ରୀହରି ହୁଇକା (୨୦) ବୋଲି ମାମଲାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ମାନସ ରଞ୍ଜନ ପ୍ରଧାନ କହିଛନ୍ତି। ଦୁଇ ନାବାଳକଙ୍କୁ ମାଲକାନଗିରି ଜିଲ୍ଲାରେ ଥିବା ଜୁଭେନାଇଲ୍ ଜଷ୍ଟିସ ବୋର୍ଡକୁ ପଠାଇଥିବାବେଳେ ଶ୍ରୀହରି ହୁଇକାଙ୍କୁ କୋରାପୁଟ କୋର୍ଟ ଚାଲାଣ କରାଯାଇଥିବା ଶ୍ରୀ ପ୍ରଧାନ କହିଛନ୍ତି।

## ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ; ଚିତ୍ରଶିଳ୍ପୀ ପୁରସ୍କୃତ



**କୋରାପୁଟ,୨୨।୨(ସମିସ):** ସ୍ଥାନୀୟ ଆଞ୍ଚଳିକ ଆର୍ଟ ଗ୍ୟାଲେରୀଠାରେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ସହଯୋଗରେ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ଲଳିତ କଳା ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ପ୍ରମୁଖ ଉପସ୍ଥିତ ରହି ଏହି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ପୂର୍ବାହ୍ଣରେ ଦେଓମାଳିଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଯୁବ ଚିତ୍ରଶିଳ୍ପୀ ଶିବିରରେ ଅଂଶ ଗ୍ରହଣ କରିଥିବା ୧୫ ଜଣ ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଗାମୀ ଦିନରେ ଚିତ୍ରକଳାକୁ ପ୍ରୋତ୍ସାହନ କିପରି ଦିଆଯିବ ସେନେଇ ସମସ୍ତ ବ୍ୟବସ୍ଥା କରାଯିବ ଏବଂ ଦେଓମାଳିଠାରେ ଚିତ୍ରକଳା କ୍ୟାମ୍ପ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଭାସନ କହିଛନ୍ତି। ଅନ୍ୟପଟେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କୋରାପୁଟ ଜିଲ୍ଲାରେ ବିଶେଷ କରି ଚିତ୍ରକଳାରେ ଅନେକ ଲୁକ୍କାୟିତ ପ୍ରତିଭା ରହିଛି, ଯାହାକୁ ଲୋକଲୋଚନକୁ ଆଣିବା ପାଇଁ ଲଳିତ କଳା ଏକାଡେମୀ ତରଫରୁ ପ୍ରୟାସ କରାଯିବ ଏବଂ ଚିତ୍ରକଳାରେ ରୁଚି ରଖିଥିବା ସମସ୍ତ କୋରାପୁଟ ଶିଳ୍ପୀ ଲଳିତ କଳା ଏକାଡେମୀ ସହିତ ଯୋଡ଼ି ହୋଇ ନିଜର କଳା ପ୍ରଦର୍ଶନକୁ ଆଗକୁ ଆଣିବା ପାଇଁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ସଚିବ ଡ.ପଞ୍ଚାନନ ସାମଲ, ବରିଷ୍ଠ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ, ଆଇଏଏସ ପ୍ରୋବେସନାରୀ ସୌମ୍ୟରଞ୍ଜନ ପ୍ରଧାନ, ଆଇପିଏସ୍ ପ୍ରୋବେସନାରୀ ପାର୍ଥ କଶ୍ୟପ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ପରିଚାଳନା କରିଥିଲେ। ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ପ୍ରତ୍ୟହ ଦିନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାପଡ଼ିଛି।

## ସ୍ୱାଭିମାନ ଅଞ୍ଚଳରେ ନିଯୁକ୍ତି ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର




**ଚିତ୍ରକୋଣ୍ଡା,୨୨।୨(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳ ପଣସପୁଟ ପଞ୍ଚାୟତ ଅନ୍ତର୍ଗତ ଗୋରାସେତୁଠାରେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ସୀମା ସୁରକ୍ଷା ବଳ(ବିଏସଏଫ୍) ମାଲକାନଗିରି ଶାଖା ସହଯୋଗରେ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋରାସେତୁ ଗ୍ରାମ ଓ ଆଖପାଖ ବେଜିଙ୍ଗ, ଅରାପଦର, ପଣସପୁଟ, ହନ୍ତାଲଗୁଡ଼ା, ଯୋଡ଼ାଆମ୍ବ ଗ୍ରାମର ବିଭିନ୍ନ ବର୍ଗର ୧୪୪ ଜଣ ଯୁବକଯୁବତୀ ଏହି ଶିବିରରେ ଯୋଗଦେଇଥିଲେ। ଚିତ୍ରକୋଣ୍ଡାସ୍ଥିତ ୧୭୭ ବାଟାଲିୟନ ବିଏସଏଫ୍ କମାଣ୍ଡାଣ୍ଟ କମଲ ଖୁଲବେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ବୈଷୟିକ ଶିକ୍ଷା ତାଲିମ ଦ୍ୱାରା ଯୁବକଯୁବତୀମାନେ ସ୍ୱାବଲମ୍ବୀ ହୋଇପାରିବେ ଏବଂ ସେମାନଙ୍କର ଉନ୍ନତିରେ ସ୍ୱାଭିମାନ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଶ୍ରୀ ଖୁଲବେ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଯୁବକଯୁବତୀମାନଙ୍କୁ ଦକ୍ଷତା ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷ କରିବା ପାଇଁ ଆଇଟିଆଇ ଏବଂ ପଲିଟେକନିକଗୁଡ଼ିକରେ ଉନ୍ନତମାନର ଭିତ୍ତିଭୂମି ଯୋଗାଇ ଦେବା ସହ ସେମାନେ ଦକ୍ଷତା ପ୍ରଶିକ୍ଷଣ ଦ୍ୱାରା ନିଜର କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିପାରିବେ। ରାଜ୍ୟ ସରକାରଙ୍କ ପ୍ଲେସମେଣ୍ଟ ଟ୍ରେନିଂ ପ୍ରୋଗ୍ରାମ ମାଧ୍ୟମରେ ବିଭିନ୍ନ ଶିଳ୍ପ ଅନୁଷ୍ଠାନରେ ନିଯୁକ୍ତି ପାଇପାରିବେ ବୋଲି ଜିଲ୍ଲା ନିଯୋଜନ ଅଧିକାରୀ ମନସ୍ୱୀ ସେଠୀ ସୂଚନା ଦେଇଥିଲେ। ପ୍ରଶିକ୍ଷକମାନେ ଯୁବକଯୁବତୀମାନଙ୍କ ନିଯୁକ୍ତି ଏବଂ ପ୍ଲେସମେଣ୍ଟ ଟ୍ରେନିଂ ପ୍ରୋଗ୍ରାମ ଉପରେ କାଉନସେଲିଂ କରିଥିଲେ। ସେହିପରି ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଏବଂ ପଲିଟେକନିକର ପ୍ରଶିକ୍ଷକମାନେ ଯୁବକଯୁବତୀମାନଙ୍କୁ ଏହି ପ୍ରତିଷ୍ଠାନରେ ତାଲିମ ନେବା ଦ୍ୱାରା କିଭଳି ନିଯୁକ୍ତି ସୁବିଧା ପାଇପାରିବେ ଓ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ କାଉନସେଲିଂ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମାଣ୍ଡାଣ୍ଟ ଶୁଭରଞ୍ଜନ ମହାପାତ୍ର, ଡେପୁଟି କମାଣ୍ଡାଣ୍ଟ ବିକ୍ରମ ସିଂ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅରୁଣ କୁମାର, ବିଜେନ୍ଦ୍ର କୁମାର, ଡ. ଦିବ୍ୟଶକ୍ତି ପଣ୍ଡା, ଡ. ଜସ୍ମିନ ବେହେରା, ଉପେନ୍ଦ୍ର ଦୀପ, ହରିଶ ରୁପାଲ, ଯେ ବିନୋଦ କୁମାର, ଅର୍ଜୁନ ହନ୍ତାଲ, ପଣସପୁଟ ସରପଞ୍ଚ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ଥିଲେ। ୧୭୭ ବାଟାଲିୟନ ବିଏସଏଫ ପକ୍ଷରୁ ଏକ ମେଡିକାଲ କ୍ୟାମ୍ପର ଆୟୋଜନ କରାଯାଇ ୧୪୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରାଯାଇଥିଲା।

## କ୍ରୀଡ଼ା, ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ରୀଙ୍କୁ ପୁରସ୍କାର



**ନବରଙ୍ଗପୁର,୨୨।୨(ସମିସ):** ନବରଙ୍ଗପୁର ଜିଲ୍ଲା ପଞ୍ଚାୟତ ସାଧନା କେନ୍ଦ୍ରରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଓ ବିଜୁ କନ୍ୟା ରତ୍ନ ଯୋଜନା ଅନ୍ତର୍ଗତ ବାଳିକାଙ୍କ ପାଇଁ ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲାସ୍ତରୀୟ ଟପ୍ପର ଏବଂ କ୍ରୀଡ଼ା ବର୍ଗ ପାଇଁ ସ୍ୱତନ୍ତ୍ର ପୁରସ୍କାର ବିତରଣ କରାଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସମସ୍ତ ଅତିଥି ଏବଂ କୃତୀ ଛାତ୍ରୀ ତଥା ଅଭିଭାବକଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ଭିତରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜନକ ରାଉତ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲାକା ରବୀନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଛାତ୍ରୀ ଏବଂ ଅଭିଭାବକଙ୍କୁ ଦେଶକୁ ଆଗେଇ ନେବା ପାଇଁ ବିଭିନ୍ନ ବୈଷୟିକ ଶିକ୍ଷାରେ ଅଂଶ ଗ୍ରହଣ କରି ସାମାଜିକ କୁସଂସ୍କାର ଓ ବିଭିନ୍ନ ପ୍ରଥାରେ ବଶବର୍ତ୍ତୀ ନ ହୋଇ ସଚେତନ ହୋଇ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିକ୍ଷା ଏବଂ କ୍ରୀଡ଼ା ଦିଗରେ କୃତିତ୍ୱ ଅର୍ଜନ କରିଥିବା ମୋଟ ୪୦ ଜଣ ଛାତ୍ରୀଙ୍କୁ ମାନପତ୍ର ସହ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସମରେନ୍ଦ୍ର ପରିଡ଼ା, କିଷାନ ପଟ୍ଟନାୟକ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସନ୍ତୋଷ ଜେନା, ଉତ୍କଳ ବାଳାଶ୍ରମର ରାମକୃଷ୍ଣ ସାବତ ଏବଂ ନୀଳମଣି, ପୂର୍ଣ୍ଣଚନ୍ଦ୍ର ରାଇ ଓ ଅରୁଣାର ଜିଲ୍ଲା ସଂଯୋଜିକା ପ୍ରଭାସିନୀ ପଟ୍ଟନାୟକ ସହଯୋଗ କରିଥିଲେ। ଶେଷରେ କିଶୋର ମାର୍ଥା ଧନ୍ୟବାଦ ଦେଇଥିଲେ।

# ଆଜି ଲୋକାର୍ପଣ ହେବ ୩ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍

**ରାୟଗଡ଼ା,୨୨।୨(ସମିସ):**



ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲା କ୍ରୀଡ଼ାବିତମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଲୋକାର୍ପିତ ହେବ। ଶୁକ୍ରବାର ଅପରାହ୍ଣ ୪ଟା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଭର୍ଚୁଆଲ ମାଧ୍ୟମରେ ଜିଲ୍ଲାର ଗୁଣପୁର ଓ ରାୟଗଡ଼ା ପୌରାଞ୍ଚଳ ସମେତ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡ଼ାରୀରେ ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌କୁ ଲୋକାର୍ପିତ କରି କ୍ରୀଡ଼ାବିତ୍ ତଥା ଖେଳାଳୀମାନଙ୍କୁ ଉତ୍ସାହିତ କରିବେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଦ୍ୱାରା ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ୍ ଅଲିନୁର ପ୍ରକାଶ କରିଛନ୍ତି। ରାୟଗଡ଼ା ପୌରାଞ୍ଚଳର ଅମ୍ବାଗୁଡ଼ାରେ ଲୋକାର୍ପିତ ହେବାକୁ ଥିବା ଏହି ଷ୍ଟାଡିୟମର ପ୍ରକଳ୍ପ ମୂଲ୍ୟ ୯ କୋଟି ୮୬ ଲକ୍ଷ ଟଙ୍କା ହୋଇଥିବା ବେଳେ ଏହାକୁ ଶ୍ରୀରୋଜ ୱେଲଥ ଭେନଚୁରେସ ଲିମିଟେଡ୍ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଛି। ଗୁଣୁପୁରରେ ମଧ୍ୟ ସମାନ୍ତର ଆକଳିତ ମୂଲ୍ୟରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ନିର୍ମାଣ କରାଯାଇଛି। ସେହିପରି ଗୁଡ଼ାରୀ ଏନଏସିଠାରେ ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ସେଠାକାର ଇନ୍‌ଡୋର ଷ୍ଟାଡିୟମ୍ ନିର୍ମାଣ ହୋଇଥିବା ନେଇ କ୍ରୀଡ଼ା ଅଧିକାରୀ ପ୍ରକାଶ କରିଛନ୍ତି। ଲୋକର୍ପିତ ହେବାକୁ ଥିବା ଇନ୍‌ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ, ଭାରତ୍ତୋଳନ, ଟେବୁଲ ଟେନିସ୍ ଖେଳ ସହ ଯୋଗ ଓ ବ୍ୟାୟାମର ବ୍ୟବସ୍ଥା କରାଯାଇଛି। ଖେଳାଳୀମାନଙ୍କ ସମସ୍ତ ପ୍ରକାର ସୁବିଧାସୁଯୋଗକୁ ଦୃଷ୍ଟିରେ ରଖି ଏହି ଷ୍ଟାଡିୟମ୍ ନିର୍ମାଣ କରାଯାଇଥିବାବେଳେ ପୂର୍ବରୁ ଜିଲ୍ଲାର ବହୁ ପ୍ରତିଭାମାନ ଖେଳାଳିମାନେ ଷ୍ଟାଡିୟମ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାୟଗଡ଼ା ଜିଲ୍ଲାରେ ଆବଶ୍ୟକ ଥିବା ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ସମ୍ବନ୍ଧରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଅବଗତ କରାଇଥିଲେ। କ୍ରୀଡ଼ା ପ୍ରତି ରୁଚି ରଖିଥିବା ଜିଲ୍ଲାର ଖେଳାଳିମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଷ୍ଟାଡିୟମ ନିର୍ମାଣର ମଞ୍ଜୁରୀ ଦେବା ପରେ ଜିଲ୍ଲାର ରାୟଗଡ଼ା, ଗୁଣପୁର ଓ ଗୁଡ଼ାରୀଠାରେ କୋଟିକୋଟି ଟଙ୍କା ବ୍ୟୟରେ ଏହି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହୋଇପାରିଛି। ଯାହାକୁ ନେଇ ଜିଲ୍ଲାର କ୍ରୀଡ଼ାବିତ ତଥା ଖେଳାଳିମାନଙ୍କ ମଧ୍ୟରେ ଏକ ନୂଆ ଉଦ୍ଦିପନା ଦେଖିବାକୁ ମିଳିଛି।

## ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିରେ ଜଳରଙ୍ଗ ଯୁବ ଚିତ୍ରଶିଳ୍ପୀ ଶିବିର



**ପଟାଙ୍ଗି,୨୨।୨(ସମିସ):** ଓଡ଼ିଶା ଲଳିତ କଳା ଏକାଡେମୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଜଳରଙ୍ଗ ଯୁବ ଚିତ୍ରଶିଳ୍ପୀ ଶିବିର ଶୁଭ ଉଦଘାଟନ ହୋଇଯାଇଛି। ଜିଲ୍ଲା ପ୍ରଶାସନ, କୋରାପୁଟଙ୍କ ସହଯୋଗ କ୍ରମେ ପଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ପର୍ବତ ଶିଖରରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କେନ୍ଦ୍ରାଞ୍ଚଳ ତଥା ଦକ୍ଷିଣାଞ୍ଚଳ ଆରଡିସି ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଦେଓମାଳୀର ସୌନ୍ଦର୍ଯ୍ୟକୁ ଶିଳ୍ପୀମାନେ ରଙ୍ଗ ଓ ତୂଳୀରେ ଅଙ୍କନ କରୁଥିବାରୁ ସେମାନଙ୍କୁ ଅନେକ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଯୋଗଦେଇ ଚିତ୍ରଶିଳ୍ପୀଙ୍କୁ ଉତ୍ସାହିତ କରିବା ସହ ନିଜେ ତୂଳୀ ଧରି ଚିତ୍ର ଆଙ୍କିଥିଲେ। ଉତ୍ସବରେ ଏକାଡେମୀର ସଭାପତି ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସୁଦର୍ଶନ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ନିମନ୍ତେ ବିଭିନ୍ନ ରାଜ୍ୟର ପର୍ଯ୍ୟଟକ ପହଞ୍ଚୁଛନ୍ତି। ଓଡ଼ିଶାର ସୁଇଜରଲ୍ୟାଣ୍ଡ ବୋଲି କୁହାଯାଉଥିବା ଦେଓମାଳିର ସୂର୍ଯ୍ୟୋଦୟଠାରୁ ଅସ୍ତ ହେବା ପର୍ଯ୍ୟନ୍ତ ଦୃଶ୍ୟ ଏବଂ ସେଠାକାର ଥଣ୍ଡା ଅତି ମନ୍ତ୍ରମୁଗ୍ଧ କରିଥାଏ। ତେଣୁ ଉକ୍ତ ଦୃଶ୍ୟଗୁଡ଼ିକୁ କାନଭାସ ମାଧ୍ୟମରେ ଜଳରଙ୍ଗ ଚିତ୍ର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୧୫ ଜଣ ଯୁବ ଚିତ୍ରଶିଳ୍ପୀ ଯୋଗଦେଇଥିଲେ। ଏହାପରେ ସମସ୍ତ ଚିତ୍ରଶିଳ୍ପୀ ଦେଓମାଳି ପର୍ବତର ମନୋରମ ସୌନ୍ଦର୍ଯ୍ୟ ସ୍ଥାନଗୁଡ଼ିକୁ ଚୟନ କରି ଉକ୍ତ ଦୃଶ୍ୟକୁ ନିଜ କାନଭାସରେ ଚିତ୍ରଣ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଡ.ପଞ୍ଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ବରିଷ୍ଠ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ, ପଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ଣରେ କୋରାପୁଟ ସଦର ମହକୁମାରେ ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଉକ୍ତ ଅତିଥିଙ୍କ ଦ୍ୱାରା ଏକ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ ହୋଇଥିବା ଜଣାପଡ଼ିଛି।

## ଜିଲ୍ଲାପାଳଙ୍କ ପଡ଼ିଆ ବ୍ଲକ ଗସ୍ତ




**ମାଲକାନଗିରି,୨୨।୨(ସମିସ):** ମାଲକାନଗିରି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଜିଲ୍ଲାର ପଡ଼ିଆ ବ୍ଲକ ଗସ୍ତ କରି ବିଭିନ୍ନ ସମୀକ୍ଷା କରିଛନ୍ତି। ବ୍ଲକ ଗସ୍ତରେ ଯାଇ ଶ୍ରୀ ପ୍ରକାଶ ସେଠାରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରିବା ସହ ଏହାର ପରିଚାଳନା ଦାୟିତ୍ୱରେ ଥିବା ଏସଏଚଜି ମହିଳାମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହାସହ ସ୍ଥାନୀୟ ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗସ୍ତ କରି ସେଠାରେ କିପରି ରୋଗୀ ସେବା ଯୋଗାଇ ଦିଆଯାଉଛି ସେନେଇ ମଧ୍ୟ ତଦାରଖ କରି ଅଧିକାରୀ, ଡାକ୍ତରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା ଓ ସମୀକ୍ଷା କରିଥିଲେ। ପରେପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କ ସହ ବ୍ଲକ ସଭାଗୃହ ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ତାଙ୍କର ଏହି ଗସ୍ତବେଳେ ପଡ଼ିଆ ବିଡିଓ ଶ୍ରୀ ଶତପଥୀ ଏବଂ ବ୍ଲକର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ରାୟଗଡ଼ା ଜିଲ୍ଲାପାଳଙ୍କ କାଶୀପୁର ଗସ୍ତ; '୫-ଟି' କାର୍ଯ୍ୟର ସମୀକ୍ଷା



**କାଶୀପୁର,୨୨।୨(ସମିସ):** ରାୟଗଡା ଜିଲ୍ଲା କାଶୀପୁର ବ୍ଲକକୁ ଗୁରୁବାର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଗସ୍ତ କରି '୫-ଟି' କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ କାଶୀପୁର ହନୁମାନ ମନ୍ଦିର ଗସ୍ତ କରି ସେଠାରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରିବା ପରେ କାଶୀପୁର ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ସେଠାରେ '୫-ଟି' ଅଧୀନରେ ଚାଲିଥିବା କଲେଜ ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିବା ସହ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଠାକୁରାଣୀ ମନ୍ଦିର ଗସ୍ତ କରି ସେଠାରେ ଚାଲିଥିବା ମନ୍ଦିର ରୂପାନ୍ତରଣ କାର୍ଯ୍ୟ ଏବଂ ଜଗନ୍ନାଥ ମନ୍ଦିର ଗସ୍ତ କରି ସେଠାରେ ଚାଲିଥିବା ରୂପାନ୍ତର କାର୍ଯ୍ୟର ସମୀକ୍ଷା କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ରାୟଗଡ଼ା ଜିଲ୍ଲାର ଜାଲ୍ଲାପାଳ ଭାବେ ଦାୟିତ୍ୱ ନେବା ପରେ କାଶୀପୁର ବ୍ଲକକୁ ପ୍ରଥମ ଥର ପାଇଁ ଗସ୍ତ କରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କାଶୀପୁର ଗ୍ରାମବାସୀ ଏବଂ ମନ୍ଦିର ପରିଚାଳନା କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଗସ୍ତ ସମୟରେ କାଶୀପୁର ବିଡିଓ ମନୀଷା ଦାସଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବିରେ ଯୁବ ସମାଜ ପକ୍ଷରୁ ଶୋଭାଯାତ୍ରା



**କୋରାପୁଟ,୨୨।୨(ସମିସ):** କୋରାପୁଟ ଯୁବ ସମାଜ ତରଫରୁ ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବି ସହ ଦୁଇ ପ୍ରମୁଖ ଦାବିକୁ ନେଇ ଏକ ଶୋଭାଯାତ୍ରା ସ୍ଥାନୀୟ ନିଶାଣିମୁଣ୍ଡାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲାର ଶିକ୍ଷିତ ବେକାରୀ ଯୁବକଯୁବତୀଙ୍କୁ ଗ୍ରୁପ୍ ସି' ଓ ଡି' ପଦଗୁଡ଼ିକରେ ଜିଲ୍ଲାଭିତ୍ତିକ ନିଯୁକ୍ତି, କୋରାପୁଟ ଜିଲ୍ଲାବାସୀଙ୍କୁ ଚାକିରି କ୍ଷେତ୍ରରେ ଅଗ୍ରାଧିକାର, ଆଞ୍ଚଳିକ ଭାଷାରେ ଶିକ୍ଷାଦାନ, ନାଲକୋ ଓ ହାଲ୍ ଭଳି ଅନୁଷ୍ଠାନରେ କୋରାପୁଟ ଯୁବକଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଓ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ର କରାଯିବା ଆଦି ପ୍ରମୁଖ ଦାବି ରହିଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ୧୫ ଦିନ ଭିତରେ ସମସ୍ୟାର କିପରି ସମାଧାନ କରାଯାଇପାରିବ ତାହାକୁ ଗୁରୁତ୍ୱ ଦେବାକୁ ଯୁବ ସମାଜ ଦାବି କରିଛି। ଅନ୍ୟପଟେ ଯୁବ ସମାଜର ଲିଖିତ ଦାବିପତ୍ରକୁ ସରକାରଙ୍କ ପାଖକୁ ପଠାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଶୋଭାଯାତ୍ରାରେ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଯୁବକଯୁବତୀ, ଛାତ୍ରଛାତ୍ରୀ ଯୋଗଦେଇଥିଲେ। କିଛି ସମୟ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ନାରାବାଜି ମଧ୍ୟ କରିଥିଲେ। ଶୋଭାଯାତ୍ରାରେ ଆଇନ ଶୃଙ୍ଖଳାକୁ ଆଖି ଆଗରେ ରଖି କୋରାପୁଟ ଟାଉନ ଥାନା ପୁଲିସ ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା।

## ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ଶୁଭ ସ୍ଥାପନା ପାଇଁ କଳସ ଯାତ୍ରା

**ମୁନିଗୁଡ଼ା,୨୨।୨(ସମିସ):**



ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ସୀମାନ୍ତ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ଠାରେ ନବ ନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ଶୁଭ ସ୍ଥାପନା ପାଇଁ ମହାଆଡ଼ମ୍ବରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସରରେ ପ୍ରାତଃ ସମୟରେ ମଙ୍ଗଳାରୋପଣ, ଦୀକ୍ଷାଗ୍ରହଣ, ଅଙ୍କୁରାରୋପଣ ଓ ମଣ୍ଡଳକରଣ ସହ କଳସ ଯାତ୍ରା ହୋଇଥିଲା। ପୂଜକ ଅନନ୍ତ ରଥଙ୍କ ସମେତ ଅନ୍ୟ ପୁରୋହିତମାନଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ମହିଳା ବଂଶଧାରା ନଦୀର ପବିତ୍ର ଜଳକୁ କଳସରେ ଧାରଣ କରି ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିରରେ ଉକ୍ତ ପବିତ୍ର ଜଳ ଅର୍ପଣ କରିଥିଲେ। କଳସ ଯାତ୍ରା ସମୟରେ ବିଭିନ୍ନ ପ୍ରକାରର ପାରମ୍ପରିକ ବାଦ୍ୟ ଓ କୀର୍ତ୍ତନ ତାଳେତାଳେ ଭକ୍ତମାନେ ବିଭୋର ହୋଇ ଉଠିଥିଲେ। ଶ୍ରଦ୍ଧାଳୁମାନଙ୍କ ହରିବୋଲ ଓ ହୁଳହୁଳି ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠୁଥିବାବେଳେ ଲାଞ୍ଜିଗଡ଼ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିସହ କଳାହାଣ୍ଡି ଜିଲ୍ଲା ଓ ରାୟଗଡ଼ା, କନ୍ଧମାଳ, ଫୁଲବାଣୀରୁ ଶ୍ରଦ୍ଧାଳୁମାନେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ବେଦାନ୍ତ କମ୍ପାନୀ ପକ୍ଷରୁ ଗୋବିନ୍ଦ ଗୋପାଳ ପାଲ୍, ବିଭୁଦେନ୍ଦୁ ପଣ୍ଡା, ଭଗବାନ ହୋତା, ଶ୍ରୀକାନ୍ତ ବୋହିଦାର୍, ଓଁକାର ଆଚାର୍ଯ୍ୟ, କିରନ୍ କିଶୋର ପଟ୍ଟନାୟକ ପ୍ରମୁଖ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ହରିହର ସଂସ୍କୃତି ସେବା ସମିତି ସଦସ୍ୟ ଚନ୍ଦ୍ର ଧ୍ୱଜ ପେସିନିଆ, ଦଳ ବେହେରା, ରାଜେନ୍ଦ୍ର ପ୍ରତାପ ସିଂହ ଦେଓ, କୃଷ୍ଣଚନ୍ଦ୍ର ମହାରଣା, ଶ୍ରୀଧର ପେଶନିଆ, ଅଶୋକ ପଟ୍ଟନାୟକ ଓ ସୁରେନ୍ଦ୍ର ସିଂ ଦେଓଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ୨୬ ତାରିଖ ଦିନ ନବ ନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଓ ଶୁଭ ସ୍ଥାପନା କାର୍ଯ୍ୟକ୍ରମ ହେବ।

**■ ଅଣ୍ଡରାହାଲ ନିକଟରେ କମାଣ୍ଡର ଦୁର୍ଘଟଣା**

## ବଣ୍ଡା ମହିଳା ମୃତ, ଦୁଇ ଗୁରୁତର ଓ ଅନେକ ଆହତ

**ମାଥିଲି,୨୨।୨(ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅଣ୍ଡରାହାଲ ନିକଟରେ କମାଣ୍ଡର ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଜଣେ ବଣ୍ଡା ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଓ ଅନେକ ଆହତ ହୋଇଥିବା ସୂଚନା ମିଳିଛି। ଖବରଅନୁଯାୟୀ ଅଣ୍ଡରାହାଲରୁ ଏକ କମାଣ୍ଡର କୋରାପୁଟ ଜିଲ୍ଲା ଅନକାଡେଲିକୁ ଯାଉଥିଲା। ଏହି ସମୟରେ ଓଡାଙ୍ଗଗୁଡ଼ା ଛକ ନିକଟରେ ହଠାତ୍ କମାଣ୍ଡରଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ଖବରପାଇ ସ୍ଥାନୀୟ ଲୋକେ ଆହତଙ୍କୁ ଅନକାଡେଲି ଚିକିତ୍ସାଳୟକୁ ନେଇଥିବା ଜଣାପଡ଼ିଛି। ଖବରପାଇ ଘଟଣାସ୍ଥଳରେ ଖଇରପୁଟ ବ୍ଲକ ମୁଦୁଲିପଡ଼ା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ଅଧିକାରୀ ରଶ୍ମୀରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ଅଣ୍ଡରାହାଲ ପଞ୍ଚାୟତ ସଦର ଗ୍ରାମର ସୀସାସାହିର ବଣ୍ଡା ମହିଳା ଛନିକି ସୀସା (୪୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଗୁରୁତର ଅଣ୍ଡରାହାଲ ପଞ୍ଚାୟତର ବଡ଼ବେଲ ଗ୍ରାମର ସନିଆ ବଡ଼ନାୟକ ଓ ସଦର ଗ୍ରାମର ଗଙ୍ଗାଧର ହନ୍ତାଲ ହୋଇଥିବା ବେଳେ ଏଥିରେ ଅନେକ ଆହତ ହୋଇଥିବା ସୂଚନା ମିଳିଛି।

## ଗୁଡ଼ାରୀ ସହରରେ ସାଂସଦଙ୍କ ପାଦ ପଡ଼ିଲା



**ଗୁଡ଼ାରୀ,୨୨।୨(ସମିସ):** ଦୀର୍ଘ ପାଞ୍ଚବର୍ଷ ପରେ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ପାଦ ପଡ଼ିଛି ଗୁଡ଼ାରୀ ସହରରେ। ଗତ କିଛିଦିନ ତଳେ ଓଡ଼ିଆ ଦୈନିକ ଖବରକାଗଜ 'ସକାଳ'ରେ ସାଂସଦଙ୍କ ଗୁଡ଼ାରୀ ଅଞ୍ଚଳରେ ପାଦ ପଡ଼ିନଥିବା ଖବର ପ୍ରକାଶ ପାଇଥିଲା। ଏନେଇ ଗୁଡ଼ାରୀ ଏବଂ ଆଖପାଖ ଅଞ୍ଚଳରେ ଏକ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଗୁରୁବାର କଂଗ୍ରେସ ପକ୍ଷରୁ ଶୋଭଯାତ୍ରାରେ ସାଂସଦ ଯୋଗଦେବା ଶୁଣି ସାଧାରଣ ଜନତା ଆଗକୁ ନିର୍ବାଚନ ଥିବାରୁ ସାଂସଦ ଆମ ଅଞ୍ଚଳକୁ ଭୋଟ ମାଗିବାକୁ ଆସିଛନ୍ତି ବୋଲି ସାଧାରଣ ଜନତାଙ୍କ ବଚସାରୁ ଜଣାପଡ଼ିଛି। ଅନ୍ୟପଟେ ଶୋଭଯାତ୍ରା ଆରମ୍ଭ ପୂର୍ବରୁ ଏଠାରେ କଂଗ୍ରେସର ଦୁଇଟି ଗୋଷ୍ଠୀ ଦେଖିବାକୁ ମିଳିଛି। ଗୋଟିଏ ଦଳ ମିନାଝୋଲା ରୋଡରେ ଜଗିଥିବା ବେଳେ ଆଉ ଗୋଟିଏ ଦଳ କିଛି ଦୂରରେ ରହି ଅପେକ୍ଷା କରି ରହିଥିଲେ। ସାଂସଦ ଆସିବାପରେ ଫୁଲମାଳ ଦେଇ ଦୁଇ ଗୋଷ୍ଠୀ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ନଗର ଏବଂ ବ୍ଲକରେ କଂଗ୍ରେସ ସଂଗଠନରେ କିଛିଟା ଫାଟ ରହିଛି। ଅନ୍ୟପଟେ ରାଜ୍ୟ ସରକାର ଲୋକାଭିମୁଖୀ ଯୋଜନା ଲୋକଙ୍କୁ ଦେଇ ଚାଲିଥିବାବେଳେ ପାଖେଇ ଆସୁଥିବା ନିର୍ବାଚନକୁ ଆଖି ଆଗରେ ରଖି ଭୋଟ ହାତେଇବା ପାଇଁ ଚିନ୍ତା କରିବା ସାଂସଦଙ୍କ ପାଇଁ ଉଡ଼ନ୍ତା ଚଢ଼େଇକୁ ବେସର ବଟା ସଦୃଶ୍ୟ ବୋଲି ସାଧାରଣ ଜନତାଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିବା ଜଣାପଡ଼ିଛି। ବିଗତ ୫ ବର୍ଷ ଧରି ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗୋ ବିଜେଡି ଜିଲ୍ଲା ସଭାପତି ସୁଧିର ଦାସ ପ୍ରତ୍ୟେକ କ୍ଷେତ୍ରରେ ଲୋକଙ୍କ ପାଖରେ ଛିଡ଼ା ହେବା ଦ୍ୱାରା ଭୋଟରଙ୍କ ମନରେ ପୁଣି ୫ ବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥୟ ବୋଲି ଲୋକଙ୍କ ମନରେ ଉତ୍ସାହ ବଢ଼ିଛି।

ANIMESH INDIAN SNACKS
ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

LYCEUM HIGHER SECONDARY SCHOOL
(Recognized by Govt. Of Odisha Affiliated to CHSE, Odisha)
LALITESWAR NAGAR, JAJPUR TOWN, JAJPUR - 755001
The Director, Lyceum H.S. School, invites application from experienced candidates for the following posts.
WALK-IN-INTERVEIW
TEACHING POSTS
PRINCIPAL, VICE-PRINCIPAL
For the post of Principal and Vice-Principal the candidate must have a minimum of 5 years or above experience in an educational institution.
LECTURERS
Physics, Chemistry, Mathematics, Botany, Zoology, I.T, Odia, English & Sanskrit
Minimum 1-year experience is required.
Candidates having B.Ed qualification get first preference.
Qualification M.Sc./M. A in the relevant discipline.
NON-TEACHING POSTS
- Administrative Officer
- Accountant
- Academic Officer
- Librarian
- Front Office Executive (Female Only)
- Marketing Executive
- Hostel Warden/ Care - Taker (Both Boys & Girls)
- Peon
- Driver
- Cook/Cook-Helper
Salary is negotiable with qualifications and experience. No T.A/D.A will be Provided
Interested candidates can e-mail/WhatsApp their complete Biodata within 7 days from the date of Advertisement.
Join Us lyceumhss@gmail.com +91-7205687080 +91-9437277080

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥"



ଆବିର୍ଭାବ: ୩୦.୦୭.୧୯୫୮ (ଶ୍ରୀ ଗୁଣ୍ଡିଚା)
ତିରୋଧାନ: ୧୪.୦୨.୨୦୨୪ (ଶ୍ରୀପଞ୍ଚମୀ)
✓ କମଳା ସାମଲ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ସ୍ୱାମୀ: ବିଷ୍ଣୁଚରଣ ସାମଲ (ମା' ଲକ୍ଷ୍ମୀ ମେଡିକାଲ ଷ୍ଟୋର, ସିଂହପୁର)
ପୁଅ-ବୋହୂ: ମନୋଜ, ସରୋଜ, ସବିତା, ପୁତୁରା: କିଶୋର, ଈଶ୍ୱର, ଶ୍ରୀନିବାସ, ପ୍ରଭାଷ, ସନ୍ଦନ, ନାତି-ନାତୁଣୀ: ଖୁସି, କାହ୍ନା, ରଚିତ, ସଂପର୍କ, ଆଦି
ଝିଅ-ଜ୍ୱାଇଁ: ମାମି, ମଧୁ, ନିନି, ଚୈତନ, ବନ୍ଧୁ ଓ ଆତ୍ମୀୟସ୍ୱଜନ

**ତଳ କୋଲାବ ଓସିସି କଲୋନୀ ନିକଟରେ ଡକାୟତି ମାମଲା**

# ୨ ଅଭିଯୁକ୍ତ ଗିରଫ; ଖେଳନା ବନ୍ଧୁକ ଜବତ

**ଜୟପୁର,୨୨।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟ ନିକଟସ୍ଥ ତଳ କୋଲାବର ଓସିସି ନିକଟସ୍ଥ ମାଝି କଲୋନୀରେ ସୋମବାର ଡକାୟତି ମାମଲାର ମାତ୍ର ୩ ଦିନ ମଧ୍ୟରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିବାବେଳେ ଏହି ମାମଲାରେ ଅନ୍ୟ ୭ ଜଣ ଫେରାର୍ ରହିଥିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାରିଣିପୁଟ ଡେଭିଡ୍ ଖରା (୨୧) ଏବଂ ଅଜୟ ବାଗ (୨୨)। ସେମାନଙ୍କ ନିକଟରୁ ଲୁଟରେ ବ୍ୟବହୃତ ଗୋଟିଏ ମୋବାଇଲ ଫୋନ, ଖେଳନା ବନ୍ଧୁକ, ବାଇକ (ଓଡି ୧୦ ଡବ୍ଲୁ-୭୦୧୦), କାର (ଓଡି ୦୨ ସିଏମ-୦୮୧୮) ଜବତ କରାଯାଇଛି। ପ୍ରକାଶ ଯେ, ଗତ ସୋମବାର ବିଳମ୍ବିତ ରାତି ୨ ଟାରେ ୯ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ନେଇ ମାଝି କଲୋନୀର ବାସିନ୍ଦା ରଞ୍ଜିତ ହରିଜନଙ୍କ ଗୃହର ମୁଖ୍ୟ ଫାଟକର ତାଲା ଭାଙ୍ଗି, ଗୃହ କବାଟ ଭାଙ୍ଗି ଭିତରେ ଜୋରଜବରଦସ୍ତ ପ୍ରବେଶ



କରିବା ସହିତ ଅଭିଯୋଗକାରୀଙ୍କ ଜେଜେମା'ଙ୍କ ବେକ ଓ କାନରୁ ସୁନା ଅଳଙ୍କାର ଏବଂ ଆଲମାରୀ ଭାଙ୍ଗି ସୁନା ଅଳଙ୍କାର ସହିତ ୫୦ ହଜାର ଟଙ୍କା ଲୁଟ୍ କରି ନେଇଯାଇଥିଲେ। ଜୀବନରେ ମାରିବା ନେଇ ମଧ୍ୟ ଧମକଚମକ ଦେଇଥିଲେ। ଖବର ପାଇ ଜୟପୁର ସଦର ଥାନା ପୁଲିସର ପାଟ୍ରୋଲିଂ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଡକାୟତମାନେ ଘଟଣାସ୍ଥଳରୁ କାର୍ ଏବଂ ବାଇକରେ ଚମ୍ପଟ ମାରିଥିଲେ। ଏନେଇ ଥାନାରେ ଡକାୟତି ଏବଂ ଧମକଚମକ ନେଇ ଏକ ମାମଲା (୬୬/୨୪) ରୁଜୁ କରାଯିବା ସହିତ ଥାନା ଅଧିକାରୀ ଈଶ୍ୱର ତାଣ୍ଡୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଥିଲେ। ଡକାୟତି ଘଟଣା ପରଦିନ କୋରାପୁଟ ଏସପି ଅଭିନବ ସୋନକାର ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଅଭିଯୁକ୍ତମାନଙ୍କୁ ଶିଘ୍ର ଗିରଫ କରାଯିବ ବୋଲି ପ୍ରକାଶ କରିଥିଲେ।

# ଅବିଭକ୍ତ କୋରାପୁଟ ଜିଲ୍ଲାର 'ମଣ୍ଡେଇ' ଯାତ୍ରା ଶୁଭାରମ୍ଭ

**ବୋରିଗୁମ୍ମା,୨୨।୨(ସମିସ):** ବୋରିଗୁମ୍ମା ବ୍ଲକ୍ ବିସିଂହପୁର ଗ୍ରାମ ନିକଟସ୍ଥ ମା' ଶାଙ୍କୁଲାଇଙ୍କ ମନ୍ଦିରରେ ପାରମ୍ପରିକ ମଣ୍ଡେଇ ଯାତ୍ରାର ଶୁଭାରମ୍ଭ ହୋଇଛି। ପ୍ରତିବର୍ଷ ମାଘ ମାସର ଶେଷ ବୁଧବାର ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ମନ୍ଦିର ପୂଜାରୀଙ୍କ ଘରୁ ଏକ ଲାଠି ଆସିବା ପରେ ଏହି ଦିନ ମନ୍ଦିରରେ ପୂଜା କରାଯାଏ। ଏହାର ଠିକ ୨ ଦିନ ପରେ ଏଠାରୁ ଭୋଗ, ଲାଠି ପ୍ରଭୃତି ପହଞ୍ଚିଲା ପରେ ବୋରିଗୁମ୍ମା ସ୍ଥିତ ମା' ଶାଙ୍କୁଲାଇଙ୍କ ଭାଇ ହିସାବରେ ପରିଚିତ ଭୈରବଙ୍କ ମନ୍ଦିର ବା ପୀଠରେ ପ୍ରବଳ ଜନସମାଗମ ପୂର୍ବକ ମଣ୍ଡେଇ ଯାତ୍ରା ସମ୍ପନ୍ନ ହୁଏ। ମା' ଶାଙ୍କୁଲାଇଙ୍କ ଭାଇ ଭୈରବଙ୍କ ବ୍ୟତୀତ ଗୁଜୁନିଗୁଡ଼ା ଗ୍ରାମରେ ଏକ ଭଉଣୀ ମଧ୍ୟ ପୂଜା ପାଇ ଆସୁଛନ୍ତି। ମଣ୍ଡେଇ ଯାତ୍ରା ଦିନ ଅନେକ ମାନସିକଧାରୀ ଏହି ପୀଠରେ କୁକୁଡ଼ା, ଛେଳି, ମେଣ୍ଢା ଇତ୍ୟାଦି ବଳି ପ୍ରଦାନ କରିବାର ପରମ୍ପରା ଅଛି। ଏହି ପୀଠରେ ଯାତ୍ରା ଅନୁଷ୍ଠିତ ହେବା ପରେ ହିଁ କ୍ରମାନ୍ୱୟରେ ବୋରିଗୁମ୍ମା, ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା, ଧଣ୍ଡରା ଓ ଶେଷରେ ଧୋଡ୍ରାଠାରେ ଯାତ୍ରା ଶେଷ ହୁଏ। ଆଦିବାସୀମାନେ ମାଣ୍ଡିଆ, ମୁଗ, ବିରି ଇତ୍ୟାଦି ଗୋଡ଼ରେ ମାଡ଼ି(କୁଦି) ଏହି ସମୟରେ ଅମଳ କରିଥା'ନ୍ତି। ମାଡ଼ିବା ବା କୁଦିବା ଶବ୍ଦକୁ ଆଦିବାସୀମାନେ 'ମଣ୍ଡେଇ' କହୁଥିବାରୁ ସମ୍ଭବତଃ ଏହି ଯାତ୍ରାର ନାମ ମଣ୍ଡେଇ ଯାତ୍ରା ହିସାବରେ ପ୍ରଚଳିତ ହୋଇ ଆସିଛି। ନିର୍ବାଚନର ବର୍ଷ ହୋଇଥିବାରୁ ପ୍ରାୟ ସମସ୍ତ ରାଜନୈତିକ ଦଳର ଟିକଟ ଆଶାୟୀ ପ୍ରାର୍ଥୀମାନେ ଯାତ୍ରାରେ ସାମିଲ ହୋଇ ଲୋକଙ୍କ ସହ ମିଶି ଯାତ୍ରା ଉପଭୋଗ କରୁଥିବା ଦେଖାଯାଇଛି। ବୋରିଗୁମ୍ମାରେ ଏହି ସମୟରେ ବାଲିଯାତ୍ରା ଅନୁଷ୍ଠିତ ହେଉଥିବାରୁ କିଛି ବର୍ଷ ପରମ୍ପରା ଭାଙ୍ଗି ବି.ସିଂହପୁର ମା' ଶାଙ୍କୁଲାଇଙ୍କ ପୀଠରେ ଯାତ୍ରା ହେବା ପୂର୍ବରୁ ଭୈରବଙ୍କ ପୀଠରେ ଯାତ୍ରା କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏହି ବ୍ୟତିକ୍ରମ ହୋଇ ନ ଥିବାରୁ ଭକ୍ତମାନେ ଆଶ୍ୱସ୍ତି ପ୍ରକଟ କରିଛନ୍ତି।

## ଡାବୁଗାଁରେ ମାଘ ମଣ୍ଡେଇ ପାଳିତ



**ଡାବୁଗାଁ,୨୨।୨(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଆଦିବାସୀଙ୍କ ପାରମ୍ପରିକ ମାଘ ମଣ୍ଡେଇ ଗୁରୁବାର ପାଳିତ ହୋଇଯାଇଛି। ତୁରୀ, ବାଦ୍ୟ, ଢୋଲ, ମାଦଳ ବାଦ୍ୟର ତାଳେ ତାଳେ ଶେଷ ହୋଇଛି ଏହି ଉତ୍ସବ। ଏଥିରେ ଡାବୁଗାଁ ବ୍ଲକ ସମେତ ଆଖପାଖ ୧୨୦ଟି ଗ୍ରାମରୁ ଲାଠି, କୁର୍ଚି ଓ ପାଲିଙ୍କି ଭୈରବ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ପରେ ଅପରାହ୍ଣରେ ସମସ୍ତ ଲାଠି, କୁର୍ଚି ନଗର ପରିକ୍ରମା କରି ଭୈରବ ମନ୍ଦିରରେ ଏକତ୍ରୀତ ହୋଇଥିଲେ। ପୂଜାରୀ, ଶିରା ଓ ଦିଶାରିମାନେ ସାଜସଜ୍ଜା ହୋଇ ଖଣ୍ଡା ଧରି ନୃତ୍ୟ ପରିବେଷଣ କରିଥିଲେ। ଲାଠି, କୁର୍ଚି, ଶିରା, ଦିଶାରିମାନେ ବାଦ୍ୟର ତାଳେ ତାଳେ ନୃତ୍ୟ କରି ବଜାର ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲେ। ଶୁକ୍ରବାର ଲାଠି, କୁର୍ଚି ଓ ଶିରା ପୂଜାରୀଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ବିଦାୟ ଦିଆଯିବ। ଏହି ମଣ୍ଡେଇ ପାଳନରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାତିରେ ଦେଶିଆ ନାଟ ଯଥା- କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ଅଧୀନ କ୍ଷେମାବେଡ଼ା ଗ୍ରାମର କର୍ଣ୍ଣ ଗୁରୁଙ୍କ ନିର୍ଦ୍ଦେଶିତ 'କୋଉଠି ହଜିଲା ପ୍ରଥମ ପ୍ରେମ' ଓ ଉମରକୋଟ ବ୍ଲକ ଅଧୀନ ଭାମିନୀ ଗ୍ରାମର 'ଗରିବ ଝିଅର ଲଭ ଷ୍ଟୋରି' ୨ଟି ଆଦିବାସୀ ନାଟକ ପରିବେଷଣ କରାଯାଇଛି। ଏଥିରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସାଂସଦ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ, ଡାବୁଗାଁ କଂଗ୍ରେସ ଜୋନ-୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ପାପଡ଼ାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟା ଡା. ଲିପିକା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ବିନୋଦ ସୌରା, ଉପସଭାପତି ସତ୍ୟ ରଞ୍ଜନ ପାତ୍ର, ସମ୍ପାଦକ ରାମ କୁମାର ଗଣ୍ଡ, ସହସମ୍ପାଦକ ସୁରେନ୍ଦ୍ର ରେଲି ଓ କୋଷାଧ୍ୟକ୍ଷ ଆର୍ ଶଙ୍କର ରାଓଙ୍କୁ ମନୋନୀତ କରାଯାଇଥିଲା। କମିଟି ସଭାପତି ଭାବେ ବିନୋଦ ସୌରା, ଉପସଭାପତି ସତ୍ୟରଞ୍ଜନ ପାତ୍ର, ସମ୍ପାଦକ ରାମ କୁମାର ଗଣ୍ଡ, ସହସମ୍ପାଦକ ସୁରେନ୍ଦ୍ର ରେଲି, କୋଷାଧ୍ୟକ୍ଷ ଆର. ଶଙ୍କର ରାଓ, କୁନୁ ପାତ୍ର, ତରଣୀ ରେଲୀ, ପାପନା ରେଲି, ଜିତୁ ରେଲୀ, ରାଜୁ ରେଲି, ମନୁ ରେଲି, ଭୈରବ ରାଓ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ।

## କେନ୍ଦ୍ରାଞ୍ଚଳ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କୋଟିଆ ଗସ୍ତ



**ପଟାଙ୍ଗି,୨୨।୧(ସମିସ):** କେନ୍ଦ୍ରାଞ୍ଚଳ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସ ପଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ ଗ୍ରାମପୁଞ୍ଜ ଗସ୍ତ କରିଛନ୍ତି। ତା' ସହ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ପର୍ବତ ଶିଖରରେ ଓଡ଼ିଶା ସରକାର ଓଡ଼ିଶା ଲଳିତ କଳା ଏକାଡେମୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଜଳରଙ୍ଗ ଯୁବ ଚିତ୍ରଶିଳ୍ପୀ ଶିବିରକୁ ଶୁଭ ଉଦଘାଟନ କରି ସେଠାରୁ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ଦେଖିଥିଲେ। ଏହି ସମୟରେ ତାଙ୍କ ସହ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଉପସ୍ଥିତ ଥିଲେ। ସେ ଦେଓମାଳିରେ ନିର୍ମାଣ କରାଯାଉଥିବା ଇକୋ ରିଟ୍ରିଟକୁ ଦେଖି କୋଟିଆ ଅଭିମୁଖେ ଗସ୍ତ କରିଥିଲେ। କୋଟିଆରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକଳ୍ପଗୁଡ଼ିକ ତଥା ମିଶନ ଶକ୍ତି କାଫେ, ସରକାରୀ ଉଚ୍ଚ ବିଦ୍ୟାଳୟ କୋଟିଆ, ପଞ୍ଚାୟତ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର କୋଟିଆ, ସାଂସ୍କୃତିକ ଗୃହ କୋଟିଆ ପ୍ରମୁଖ ସ୍ଥାନଗୁଡ଼ିକୁ ବୁଲି ଦେଖିଥିଲେ। ସେ ସରକାରୀ ଉଚ୍ଚ ବିଦ୍ୟାଳୟ କୋଟିଆରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର, ପୁଲିସ ବିଭାଗ, ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ସମୟରେ ପଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ, କୋଟିଆ ସରପଞ୍ଚ ଲୀୟୁ ଗେମେଲ, ଏପିଓ ସୌମେନ୍ଦ୍ର ନାୟକ, ଏଇଇ ବିଶ୍ୱନାଥ ମାଦେଳି, ଯନ୍ତ୍ରୀ ଅଜୟରାମ୍ ତରାଇ, ସୁପରଭାଇଜର ଗୋଲକ ବିହାରୀ ପରିଡ଼ା, ପାନୀୟ ଓ ଜଳ ଯୋଗାଣ ଯନ୍ତ୍ରୀ ବାସୁଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ■ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

## ରୋଗୀ ସେବାକୁ ପ୍ରାଥମିକତା ପାଇଁ ଡାକ୍ତରଙ୍କୁ ପରାମର୍ଶ



**ନନ୍ଦପୁର,୨୨।୨(ସମିସ):** କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କାହ୍ନୁଚରଣ ପାତ୍ର ଗୁରୁବାର ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ପାତ୍ର ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଅନ୍ତେବାସୀଙ୍କୁ ଭେଟିଥିଲେ। ଅନ୍ତେବାସୀଙ୍କୁ ଭେଟି ରୋଗୀ ସେବା ଉପରେ ପଚାରି ବୁଝିବା ସହ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ଉପରେ ପଚାରି ବୁଝିଥିଲେ। ପରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଧ୍ରୁବରାଜ ମୁର୍ମୁଙ୍କ ସମେତ ଡା. ଅମିତ୍ ସାହୁ, ସ୍ୱପ୍ନାନାଜ ପ୍ରଧାନ, ସନ୍ଦୀପ ପଣ୍ଡା ପ୍ରମୁଖଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ରୋଗୀ ସେବା ଉପରେ ପ୍ରାଥମିକତା ଦେବାକୁ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ ବିଭାଗ ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପରିଦର୍ଶନ ସମୟରେ ଲୋକନାଥ ଚୌଧୁରୀ, ମାନସ ରଞ୍ଜନ ଦାସ, ପ୍ରକାଶ ପତି, ମୀନକେତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ନନ୍ଦାହାଣ୍ଡି,୨୨।୨(ସମିସ):** ପୋଖରୀରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତଦେହ ସ୍ଥାନୀୟ ଗ୍ରାମବାସୀ ଓ ଯୁବକମାନଙ୍କ ଦ୍ୱାରା ଗୁରୁବାର ଉଦ୍ଧାର ହୋଇଛି। ଘଟଣା ଅନୁସାରେ, ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦହଣା ଗ୍ରାମର ଶିବ ମନ୍ଦିର ପଛପଟରେ ଥିବା ପୋଖରୀରେ ୫୨ ବର୍ଷୀୟ ପ୍ରହଲ୍ଲାଦ ରଥ ଗାଧୋଇବା ପାଇଁ ଯାଇଥିବା ବେଳେ କୌଣସି କାରଣରୁ ବୁଡ଼ି ଯାଇଥିଲେ। ପୋଖରୀର ଅନ୍ୟପାର୍ଶ୍ୱରେ ଥିବା ଜଣେ ମହିଳା ଏହା ଦେଖି ତାଙ୍କ ଘରେ ଜଣାଇଥିଲେ। ପ୍ରହଲ୍ଲାଦଙ୍କ ଭାଇ ଦହଣାସ୍ଥିତ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ସେମାନେ ଆସି ଖୋଜାଖୋଜି କରି କୌଣସି ସନ୍ଧାନ ପାଇନଥିଲେ। ତେନ୍ତୁଳିଖୁଣ୍ଟିସ୍ଥିତ ଅଗ୍ନିଶମ ବିଭାଗକୁ ଜଣାଇବା ସହ ଉଭୟ ଦଳ ମିଶି ଉଦ୍ଧାର କାର୍ଯ୍ୟ ନିମନ୍ତେ ଇଞ୍ଜିନ ଚାଳିତ ବୋଟରେ ମଧ୍ୟ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସୁଫଳ ପାଇନଥିଲେ। ଗୁରୁବାର ସ୍ଥାନୀୟ ଗ୍ରାମବାସୀ ଓ ଯୁବକମାନେ ପୋଖରୀ ଭିତରେ ଖୋଜାଖୋଜି କରିବା ମଧ୍ୟରେ ଯୁବକଙ୍କ ଗଳିତ ଶବ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ପଠେଇ ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ୍ ପକ୍ଷରୁ ସୂଚନା ମିଳିଛି।

### ନବରଙ୍ଗପୁରରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ

## ଦେଶବାସୀଙ୍କୁ ଧୋକ୍କା ଦେଇଛି କଂଗ୍ରେସ: ରାଜନାଥ

**ନବରଙ୍ଗପୁର,୨୨।୨(ସମିସ):** ଓଡ଼ିଶାରେ ଆଉ କଂଗ୍ରେସ ଆସିବ ନାହିଁ ବୋଲି ଦିନିକିଆ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଛତିଶଗଡ଼ ଜଗଦଲପୁର ପର୍ଯ୍ୟନ୍ତ ବିମାନ ଯୋଗେ ଆସି ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଗୁରୁବାର ପୂର୍ବାହ୍ଣ ୧୧ଟାରେ ସ୍ଥାନୀୟ ଆରଆଇ ପଡ଼ିଆ ନିକଟ ହେଲିପ୍ୟାଡରେ ଅବତରଣ କରିଥିଲେ। ପରେ ସ୍ଥାନୀୟ ସର୍କିଟ ହାଉସ ସମ୍ମୁଖ ପଡ଼ିଆରେ ଆୟୋଜିତ ଭାଜପା କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଓଡ଼ିଶାରେ ଆଉ କଂଗ୍ରେସ ଆସିବ ନାହିଁ ବିଜେପି ସରକାର ଗଢ଼ିଲେ ଡବଲ ଇଞ୍ଜିନ ସରକାର ହେବ। ନବରଙ୍ଗପୁରରେ ବିଜେପି ପକ୍ଷରୁ ଆୟୋଜିତ କୋର୍ କମିଟି ବୈଠକରେ ଏପରି ଆହ୍ୱାନ ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ। ପ୍ରତିରକ୍ଷା ମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶା ସହ ମୋର ଭାବନାତ୍ମକ ସମ୍ପର୍କ ରହିଛି। କଂଗ୍ରେସ ସରକାର ବେଳେ ବିଜେପି ଭାରତ ସୁରକ୍ଷା ଯାତ୍ରା କରିଥିଲା। ଭାରତ ସୁରକ୍ଷା ଯାତ୍ରା ମୁଁ ଓଡ଼ିଶାରୁ ଆରମ୍ଭ କରିଥିଲି। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସାରା ଦେଶର ଚିତ୍ର ବଦଳିଛି। ବିଶ୍ୱସନୀୟତା ସଂକଟକୁ ଚ୍ୟାଲେଞ୍ଜ ଭାବେ ନେଇଛନ୍ତି ପ୍ରଧାନମନ୍ତ୍ରୀ। କଂଗ୍ରେସ ଲମ୍ବା ସମୟ ପର୍ଯ୍ୟନ୍ତ ଦେଶବାସୀଙ୍କୁ ଧୋକ୍କା ଦେଇଛି। ବିଶେଷକରି ସବୁ ସମୟରେ ଗରିବ ଲୋକଙ୍କୁ ଧୋକ୍କା ଦେଇଛି କଂଗ୍ରେସ। ମୋଦି ଆସିବା ପରେ ୨୫ କୋଟି ଲୋକଙ୍କୁ ଗରିବୀରୁ ମୁକ୍ତ କରିଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ଗରିବଙ୍କୁ ସ୍ୱାସ୍ଥ୍ୟ ସୁବିଧା ମିଳୁଛି। ଓଡ଼ିଶା ସହ ଆମ ସରକାର ଭେଦଭାବ କରିନି। ଏଠାରେ ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜ ବଢ଼ିଛି। ଦେଶର ଜନତାଙ୍କ ସେବା କରିବା ଆମ ପ୍ରଧାନମନ୍ତ୍ରୀଙ୍କ ଏକମାତ୍ର ଉଦ୍ଦେଶ୍ୟ। ଶିଳାନ୍ୟାସ କରି ଓଡ଼ିଶାବାସୀଙ୍କୁ ସବୁବେଳେ ଠକି ଚାଲୁଥିଲା କଂଗ୍ରେସ। ଆମ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ ନୁହେଁ, କାର୍ଯ୍ୟ ପୂରଣ କରୁଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି କନକ ବର୍ଦ୍ଧନ ସିଂଦେଓ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ସାଂସଦ ସଂଗୀତା ସିଂଦେଓ, ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ମୁକେଶ ମହାଲିଙ୍ଗ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ନବରଙ୍ଗପୁର ପୌର ପରିଷଦର ୧୦ ନମ୍ବର ୱାର୍ଡ କାଉନସିଲର ଏ .ସତିଶ, କାଉନସିଲର ସୋମେଶ ଖରା, ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ ସମ୍ପାଦକ ରମେଶ ସାହୁ, ନବରଙ୍ଗପୁର ପୂର୍ବତନ ସାଂସଦ ପର୍ଶୁରାମ ମାଝି, ପୂର୍ବତନ ସାଂସଦ ବଳଭଦ୍ର ମାଝି, ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, କାହ୍ନୁ ଦାସ, ମୃତ୍ୟୁଞ୍ଜୟ ମହାରଣା, ଦେବଦାସ ମହାକୁଡ଼, କଳିରାମ ମାଝିଙ୍କ ସମେତ ୮ଟି ଜିଲ୍ଲାର ଜିଲ୍ଲା ସଭାପତି ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ବହୁ ବିଜେପି କର୍ମୀ ସାମିଲ ହୋଇଥିଲେ।




## ବଙ୍ଗଳାଗୁଡ଼ା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ



**ତେନ୍ତୁଳିଖୁଣ୍ଟି,୨୨।୨(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ମଞ୍ଚାଗାଁ ପଞ୍ଚାୟତର ବଙ୍ଗଳାଗୁଡ଼ା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ନିକଟସ୍ଥ ନଦୀରୁ ବିରାଟ ପଟୁଆରରେ କଳସରେ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନା କରାଯାଇଥିଲା। ମଙ୍ଗଳବାର ୮ଟା ୩୦ ମିନିଟ୍ ସମୟରେ ଏହି ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ କରାଯାଇ ବୁଧବାର ୮ଟା ୩୦ ମିନିଟ୍ ସମୟରେ ପରିସମାପ୍ତି ହୋଇଥିଲା। ଏଠାରେ କର୍ତ୍ତା ଭାବରେ ଗ୍ରାମର ପତି ଗୌଡ଼ ଏବଂ ତାଙ୍କର ଧର୍ମପତ୍ନୀ ଜନମତି ଗୌଡ଼ ପୂଜା ପଦ୍ଧତି କରିଥିଲେ। ହରି ନାମ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସାରା ଅଞ୍ଚଳ। ଅଞ୍ଚଳର ସୁଖ ସମୃଦ୍ଧି ତଥା ଗ୍ରାମର ମଙ୍ଗଳକାମନା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତ୍ର ସମୟରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, କଂଗ୍ରେସର ବରିଷ୍ଠ ନେତା ଦିଲ୍ଲୀପ ପ୍ରଧାନୀ ଏବଂ ନଗର ପରିକ୍ରମା ସମୟରେ ବିଜେପି ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଗୌରୀ ଶଙ୍କର ମାଝୀ ଆସି ହରିନାମ ଗାନ କରି ଅଞ୍ଚଳର ସୁଖ ସମୃଦ୍ଧି ପାଇଁ ପୂଜା କରିବା ସହ ଅନ୍ନ ଭୋଗ ସେବନ କରିଥିଲେ। ବୁଧବାର ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମର ସମସ୍ତ ପିଲାଠୁ ବୁଢ଼ା, ମହିଳାମାନେ ନାଚଗୀତ କରି ନଗର ପରିକ୍ରମା କରିଥିଲେ। ଏହି ସମୟରେ ବଙ୍ଗଳାଗୁଡ଼ା ଗ୍ରାମ ଏକ ପ୍ରକାର ଗୋପ ଦାଣ୍ଡ ପାଲଟି ଯାଇଥିଲା। ଗାଁ ସାରା ଦଧିହାଣ୍ଡିକୁ ପରିକ୍ରମା କରିବା ପରେ ଅଷ୍ଟପ୍ରହରୀ ମଣ୍ଡପରେ ଦଧିହାଣ୍ଡିକୁ ଭଙ୍ଗା ଯାଇଥିଲା।

## ବହୁଭାଷୀ ଶିକ୍ଷକଙ୍କୁ ନିୟମିତ କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

**ବିଷମକଟକ,୨୨।୨(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ବିଗତ ଷୋହଳ ବର୍ଷ ଧରି କେତେକ ବହୁଭାଷୀ ଶିକ୍ଷକ (ଶିକ୍ଷା ସ୍ୱେଚ୍ଛାସେବୀ) କାର୍ଯ୍ୟ କରିଆସୁଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଜନଜାତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଦେଇ ସେମାନଙ୍କୁ ବର୍ତ୍ତମାନ ପାଠ୍ୟଖସଡ଼ାକୁ ସହଜ ଓ ସରଳ ଭାବରେ ବୁଝାଇବା ପାଇଁ ଏମାନେ କାର୍ଯ୍ୟରତ ଅଛନ୍ତି। ଏହି ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନିୟମିତ କରିବାପାଇଁ ବିଗତ ୧୬ବର୍ଷ ହେବ ଦାବି ହୋଇ ଆସୁଥିଲା। ଯେହେତୁ ଏହି ବହୁଭାଷୀ ସେଚ୍ଛାସେବୀମାନେ ବିଦ୍ୟାଳୟ ଯାଉଥିବା ଜନଜାତି ପିଲାମାନଙ୍କୁ ମୁଖ୍ୟସ୍ରୋତର ଶିକ୍ଷା ସହିତ ସାମିଲ କରିବା ପାଇଁ ଦାୟିତ୍ୱ ନିର୍ବାହ କରିଛନ୍ତି। ତଥା ବର୍ତ୍ତମାନ ଯେଉଁ ସ୍ୱେଚ୍ଛାସେବୀମାନଙ୍କ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ଯଥା +୨, ଡିଏଲ୍ଇଡିସିସି ଓ ଓଟିଇଟି ରହିଛି ଏକକାଳୀନ ମାପଦଣ୍ଡ ହିସାବରେ ବୟସକୁ ରିହାତି ଦେଇ ନିୟମିତ ସୃଷ୍ଟି କରାଯାଇଥିବା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଜନଜାତି ଭାଷା ଶିକ୍ଷକ ପଦବୀରେ ରାୟଗଡ଼ା ଜିଲ୍ଲାର ୭୩ ଜଣ ବହୁଭାଷୀ ଶିକ୍ଷା ସେଚ୍ଛାସେବୀଙ୍କୁ ନିୟମିତ କରାଯିବ। ଅବଶିଷ୍ଟ ବହୁଭାଷୀ ସେଚ୍ଛାସେବୀମାନଙ୍କୁ ଆଗାମୀ ତିନିବର୍ଷ ସମୟ ସୀମା ମଧ୍ୟରେ ଆବଶ୍ୟକ ଯୋଗ୍ୟତା ହାସଲ କରିବା ପରେ ନିୟମିତ କରାଯିବା ନେଇ ଗତ ୧୬ତାରିଖରେ ରାଜ୍ୟସରକାର କ୍ୟାବିନେଟରେ ମୋହର ମାରିଥିବାରୁ ରାୟଗଡ଼ା ବହୁଭାଷୀ ଶିକ୍ଷକମାନେ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ତଥା ଆଇନ ମନ୍ତ୍ରୀ ବିଧାୟକ ମକରନ୍ଦ ମୁଦୁଲି ଏବଂ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କୁ ରାୟଗଡ଼ା ଅତିଥି ଭବନରେ ଭେଟି ସାଧୁବାଦ ଜଣାଇବା ସହ ତାଙ୍କ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଅଧ୍ୟକ୍ଷ, ବିଭାଗୀୟ ସଚିବ ରୂପାରୋସନ ସାହୁଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



## ଦୁଇ ଦଫା ଦାବିରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଧାରଣା

**କୋଷାଗୁମୁଡ଼ା ,୨୨।୨(ସମିସ ):** ଦୁଇ ଦଫା ଦାବି ନେଇ ଅଗ୍ନିଶମ ବିଭାଗର କର୍ମଚାରୀ ଧାରଣା ଦେଇଛନ୍ତି। ଆଗ୍ନିକ, ମୁଖ୍ୟ ଆଗ୍ନିକ, ଗାଡ଼ି ଚାଳକ, ହାବିଲଦାର ସଙ୍ଘ ତରଫରୁ ସାରା ରାଜ୍ୟରେ ଦୁଇ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବା ନିଷ୍ପତ୍ତି ହୋଇଥିବାବେଳେ ଏବେ ଏହାର ପ୍ରଭାବ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକରେ ଦେଖିବାକୁ ମିଳିଛି। ଗୁରୁବାର କୋଷାଗୁମୁଡ଼ା ବ୍ଲକ୍ ସଦର ମହକୁମା ସ୍ଥିତ ଅଗ୍ନିଶମ ବିଭାଗ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜନତାଙ୍କ ସେବାରେ ନିୟୋଜିତ ଥିବା ଓ ନିଯୁକ୍ତି କର୍ମଚାରୀ ଏହି ଧାରଣା ସମୟରେ କୌଣସି କାର୍ଯ୍ୟ କରିବୁ ନାହିଁ ବୋଲି ମତ ପ୍ରକାଶ କରିଛନ୍ତି। କୋଷାଗୁମୁଡ଼ା ବ୍ଲକ୍ ଅଗ୍ନିଶମ ବିଭାଗ କର୍ମଚାରୀ ଦରମାରେ ଥିବା ଅସଙ୍ଗତିକୁ ଦୂର କରିବା, ଅଗ୍ନିସେବା ସଂସ୍ଥା ସଙ୍ଘର ସରକାରୀ ପଞ୍ଜୀକରଣ ଦାବି ଯେପର୍ଯ୍ୟନ୍ତ ପୂରଣ ହୋଇନାହିଁ; ସେପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଧାରଣାରେ ବସିଥିବା କର୍ମଚାରୀ କହିଛନ୍ତି।

## ଲୋକପ୍ରତିନିଧିଙ୍କ ଅଜାଣତରେ ସାମାଜିକ ସମୀକ୍ଷା ବୈଠକ

**କୁନ୍ଦୁରା,୨୨।୨(ସମିସ):** ଲୋକପ୍ରତିନିଧିଙ୍କ ଅଜାଣତରେ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲ୍ଲା କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୁରୁବାର ମନରେଗା ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଜନ ଆକ୍ରୋଶ ଭିତରେ ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସମୀକ୍ଷକ ଅନିଲ କୁମାର ମହାରଣା ଓ ବ୍ଲକ ସାମାଜିକ ସମୀକ୍ଷକଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବାବେଳେ ଏଥିରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡି ଓ ଏପିଓ ରଜନୀକାନ୍ତ ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ସମସ୍ତ ସରକାରୀ ବିଭାଗ, ପଞ୍ଚାୟତିରାଜ ବିଭାଗୀୟ ସମସ୍ତ ଅଧିକାରୀ ଓ କର୍ମକର୍ତ୍ତା, ବ୍ଲକ ଚ୍ୟାୟାରମ୍ୟାନ, ଭାଇସ ଚେୟାରମ୍ୟାନ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଏବଂ ମୁଖ୍ୟତଃ କୁନ୍ଦୁରା ବ୍ଲକର ୧୬ଟି ପଞ୍ଚାୟତର ସର୍ବସାଧାରଣ ଯୋଗଦେବା କଥା କିନ୍ତୁ ଏକ ମୁହାଁ କୋଠରିରେ ଲୁକ୍କାୟିତ ଭାବେ ଜନଶୁଣାଣି କାର୍ଯ୍ୟକ୍ରମ କରାଯାଉଥିବା ଏବଂ ସର୍ବସାଧାରଣଙ୍କୁ ସୂଚନା ନ ଦେଇ କରାଯାଉଥିବା ନେଇ ଅଞ୍ଚଳର ସାଧାରଣ ଲୋକ ଓ ଜନପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଛନ୍ତି। ଯେଉଁ ଯୋଜନାକୁ ନେଇ ସମୀକ୍ଷା ଶିବିର ହେଉଛି; ସେଥିରେ ବହୁ ଅର୍ଥ ବାଟମାରଣା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଶିବିର ଚାଲିଥିବା ସମୟରେ ସ୍ଥାନୀୟ ଜନ ପ୍ରତିନିଧି ଓ ବୁଦ୍ଧିଜୀବୀ ଆକ୍ରୋଶ ପ୍ରଦର୍ଶନ କରିଥିଲ। ପଞ୍ଚାୟତ ସମିତି କାହାର ପୈତୃକ ସମ୍ପତ୍ତି ନୁହେଁ, ଯୋଜନାର ସମୀକ୍ଷା ହେଉଛି; ଯାହା ଜନଶୁଣାଣି ମାଧ୍ୟମରେ ଏଥିରେ ଜଣେ ବି ଜନ ହିଁ ନାହାନ୍ତି। ଏ ସଂକ୍ରାନ୍ତରେ କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ସେ ଏହି ସମୀକ୍ଷା ବୈଠକ ପାଇଁ ସପ୍ତାହେ ପୂର୍ବରୁ କରାଯାଇଥିବା ଚିଠି ଦେଖାଇଥିଲେ। ଆମେ ଚିଠି କରିଛୁ କିନ୍ତୁ କାହିଁକି ସମସ୍ତ ଲାଇନ ବିଭାଗ ଓ ଜନ ପ୍ରତିନିଧି ପହଞ୍ଚି ପାରିଲେ ନାହିଁ ତାହା ପ୍ରଶ୍ନବାଚୀ ବୋଲି କହିଥିଲେ। ବର୍ତ୍ତମାନ ନିକଟରେ ନିର୍ବାଚନ ଥିବା ଯୋଗୁଁ ଅଧିକାଂଶ କର୍ମଚାରୀଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ତେଣୁ ଏହି ସମୀକ୍ଷା ଶିବିରରେ କିଛି ତ୍ରୁଟି ରହିଗଲା; ଯାହା ଆଗକୁ ସେ ନିଜ ତତ୍ତ୍ୱାବଧାନରେ କରିବେ ବୋଲି କହିଛନ୍ତି।




## ଚୋରି ଅଭିଯୋଗରେ ଜଣେ ଗିରଫ

**ସୁନାବେଡ଼ା,୨୨।୨(ସମିସ):** ସୁନାବେଡ଼ା ଥାନା ଅନ୍ତର୍ଗତ ସେମିଳିଗୁଡ଼ା ଗଣେଶ ନଗର ନିବାସୀ ପ୍ରଦୀପ କୁମାର ଦାଶଙ୍କ ଘରୁ ପାଣି ପମ୍ପ, ଲୁହା ଗେଟ, ଲୁହା ପାଇପ୍ ଆଦି ଚୋରି ହୋଇଥିବା ନେଇ ୨୦୨୩ ନଭେମ୍ବର ୩ ତାରିଖରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଉକ୍ତ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସେମିଳିଗୁଡ଼ା କୈଳାଶ ନଗରର ଇଶୁ ରାଜୁ ହିଆଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ସୁନାବେଡ଼ା ପୁଲିସ ଏକ ମାମଲା ରୁଜୁ କରାଯାଇଥିବା ସୁନାବେଡ଼ା ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଥାନାର ଏଏସ୍ଆଇ ଜ୍ୟୋତ୍ସ୍ନାରାଣୀ ମିଶ୍ର ଉକ୍ତ ମାମଲାର ତଦନ୍ତ କରୁଥିବା ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା

**କୋରାପୁଟ,୨୨।୨(ସମିସ):** ଅନୁସୂଚିତ ଜନଜାତିଙ୍କ ଉପରେ ଥିବା ଛୋଟ ଛୋଟ ମାମଲାକୁ ପ୍ରତ୍ୟାହର ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଓ କୋରାପୁଟ ଜିଲ୍ଲା ଜନଜାତି ଉପଦେଷ୍ଟା ମଦନ କିର୍ଷାନୀ। ନିଜର ଜୀବନ ଜୀବିକା ନିର୍ବାହ ସକାଶେ ଜନଜାତି ସମାଜ ଜମି, ଜଳ ଓ ଜଙ୍ଗଲ ଉପରେ ନିର୍ଭର କରି ବଞ୍ଚିଛନ୍ତି। ଦୈନିନ୍ଦନ ଜୀବନରେ ଜୀବିକା ଅର୍ଜନ ପାଇଁ ପରିଶ୍ରମ କରୁଥିବା ବେଳେ ଆଇନ ଭଙ୍ଗ କରୁଥିବା ଅଭିଯୋଗରେ ରାଜସ୍ୱ, ଅବକାରୀ, ଜଙ୍ଗଲ ଓ ପୁଲିସ ବିଭାଗର ଆକ୍ରୋଶର ଶିକାର ହୋଇ ବିଭିନ୍ନ ମାମଲାରେ ଛନ୍ଦି ହୋଇ ପଡ଼ିଛନ୍ତି। ମାମଲାରୁ ଉଦ୍ଧାର ସକାଶେ ଜନଜାତି ବର୍ଗ ଅଦାଲତକୁ ଦୌଡ଼ି ଦୌଡ଼ି ଖର୍ଚ୍ଚାନ୍ତ ହେବା ସହ ନୟାନ୍ତ ହୋଇ ପଡ଼ିଛନ୍ତି। ଏଭଳି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନାଜତିଙ୍କ ଉପରେ ଥିବା ଛୋଟ ଛୋଟ ମାମଲାଗୁଡ଼ିକ ପ୍ରତ୍ୟାହର କରିବାକୁ ନିଷ୍ପତ୍ତି ନେଇଥିବାରୁ ଜନଜାତି ବର୍ଗ ଆନନ୍ଦ ପ୍ରକଟ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ




**ସୁନାବେଡ଼ା,୨୨।୨(ସମିସ):** ସୁନାବେଡ଼ା ପୌର ପରିଷଦ ତରଫରୁ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଯାଇଛି। କୋରାପୁଟ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡ଼ାଲ, ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, ପୌର ଅଧିକାରୀ ନାରାୟଣ ନାୟକ ଉପସ୍ଥିତ ରହି ଭତ୍ତାଧାରୀମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରିଷଦ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ। ଭତ୍ତାଧାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭତ୍ତା ବର୍ଦ୍ଧିତ କରାଇଥିବାରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରତିଥର ଭଳି ଚଳିତ ଥର ମଧ୍ୟ ଭତ୍ତାଧାରୀମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା ପୌର ପରିଷଦ ତରଫରୁ ଯୋଗାଇ ଦିଆଯାଇଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣର ଆଇନ ସଚେତନତା ଶିବିର

**ନବରଙ୍ଗପୁର,୨୨।୨(ସମିସ):** ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବଡ଼ଡାଇଭଟ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ଲୋକ ଅଦାଲତ ଏବଂ ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜନକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାୟୀ ଲୋକ ଅଦାଲତ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନନ୍ଦହାଣ୍ଡି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଅତିରିକ୍ତ ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ରାଜ କିଶୋର ନାଗ ଏବଂ ପାରା ଲିଗାଲ ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଅଧିକାରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନହିତକାରୀ ଯୋଜନାକୁ ନେଇ ଆଲୋକପାତ କରିଥିଲେ। ପରିଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜାହ୍ନବି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପଞ୍ଚାୟତରେ ବର୍ଦ୍ଧିତ ଭତ୍ତାରାଶି ବଣ୍ଟନ



**ରାମନାଗୁଡ଼ା,୨୨।୨(ସମିସ):** ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ଜୀବନଯାପନକୁ ସହଜ ଓ ସୁଗମ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କ ଭତ୍ତାକୁ ବର୍ଦ୍ଧିତ କରାଯାଇଛି। ଏହି ପ୍ରରିପେକ୍ଷୀରେ ଆଜି ରାମନାଗୁଡ଼ା ବ୍ଲକ୍ ସୁଣ୍ଡିଢ଼ାମୁଣୀ ପଞ୍ଚାୟତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗୋ, ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗୋ, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ବରିଷ୍ଠ ବିଜେଡି ନେତା ଗଗନ ଆଚାର୍ଯ୍ୟ, ସରପଞ୍ଚ ଭାସ୍କର କାଡ୍ରାକା, ସମିତି ସଭ୍ୟ କମଳଲୋଚନ ମୁଚ୍ଛିକା ଯୋଗଦେଇ ବର୍ଦ୍ଧିତ ହାରରେ ଭତ୍ତାବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଜି ସୁଣ୍ଡିଢ଼ାମୁଣୀ ପଞ୍ଚାୟତର ମଧୁବାବୁ ଯୋଜନାରେ ଭତ୍ତା ପାଉଥିବା ୨୭ ୯ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ହାରରେ ୧ ହଜାର ଓ ୧୨ ଶହ ଟଙ୍କା ଲେଖାଁଏ ଏବଂ ଜାତୀୟ ଭତ୍ତା ଯୋଜନା ସାମିଲ ୨୦ ଜଣ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଓ ୨୯ ଜଣ ମଧୁବାବୁ ହିତାଧିକାରୀଙ୍କୁ ୧୨ ଶହ ହିସାବରେ ୩୪ ହଜାର ୮ ଶହ ଟଙ୍କା ପ୍ରଦାନ କରାଯାଇଛି। ଯୋଗାଣ ନିରୀକ୍ଷକ ସିପ୍ରା ସାମଲ, ନୋଡାଲ ଅଫିସର ରବିନାରାୟଣ ଦାଶ, ଗ୍ରାମରୋଜଗାର ସେବକ ପ୍ରଦୀପ ବେହେରା, ଏମବିକେ ରିନା ମାଣ୍ଡାଙ୍ଗି, ସିଆରପି ଶାନ୍ତି କାଡ୍ରାକା, ଲକ୍ଷ୍ମୀପ୍ରିୟା କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ପ୍ରଶାସନ ଓ ବିଏସ୍ଏଫ୍ ପକ୍ଷରୁ ଯୁବଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ପାଇଁ ପରାମର୍ଶ ଶିବିର

**ମାଲକାନଗିରି,୨୨।୨(ସମିସ):** ମାଲକାନଗିରି ଜିଲ୍ଲାର ମାଓଗଡ଼ କୁହାଯାଉଥିବା ମାଥିଲି ବ୍ଲକ ଅନ୍ତର୍ଗତ ଟେମୁରୁପାଲି ଗ୍ରାମରେ ବିଏସ୍ଏଫ୍ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନାନୁଯାୟୀ, ଆୟୋଜିତ ଏହି ଶିବିରରେ ଜିଲ୍ଲା ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ହରିଷ ରୂପାଲ, ଜିଲ୍ଲା ନିଯୋଜନ ଅଧିକାରୀ ମନସ୍ୱୀ ସେଠୀ, ବିଏସ୍ଏଫ୍ ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୧୩୫ଜଣ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଆଦିବାସୀ ଯୁବକଯୁବତୀଙ୍କୁ ରୋଜଗାରକ୍ଷମ କରିବା ନିମନ୍ତେ ବିଭିନ୍ନ କୌଶଳ ବିକାଶ ତାଲିମ ପ୍ରଦାନ ଲାଗି ସଚେତନ କରଯାଇଥିଲା। ଯେଉଁଥିରେ ଯୁବକଯୁବତୀମାନେ ବିଭିନ୍ନ ତାଲିମ ନେବା ପାଇଁ ଇଚ୍ଛା ପ୍ରକାଶ କରିଥିବାବେଳେ ୪୬ ଜଣଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇଁ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ବିଭିନ୍ନ ତାଲିମ ଓ ନିଯୁକ୍ତିଦାତା ସଂସ୍ଥା ଦ୍ୱାରା ସେମାନଙ୍କୁ ତାଲିମ ଦିଆଯିବ ବୋଲି ଜିଲ୍ଲା ନିଯୋଜନ ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର





**ମାଲକାନଗିରି,୨୨।୨(ସମିସ):** ମାଲକାନଗିରି ବ୍ଲକ ତରଫରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତୀ ଝୋଡ଼ିଆଙ୍କ ଅଧ୍ୟକ୍ଷତାରେ ଗୌଡ଼ଗୁଡ଼ା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ ପୁଷ୍ପ ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ସୁଶ୍ରୀ ଝୋଡ଼ିଆ ଗୌଡ଼ଗୁଡ଼ା ପଞ୍ଚାୟତରେ ହୋଇଥିବା ବିକାଶର ଏକ ଝଲକ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତ ପରିବାରକୁ ଅନ୍ତର୍ଭୁକ୍ତ କରାଯିବା, କାଳିଆ ଯୋଜନା, ସାମାଜିକ ସୁରକ୍ଷା ଭତ୍ତା, ମିଶନ ଶକ୍ତି ଦ୍ୱାରା ମହିଳା ଗୋଷ୍ଠୀଙ୍କୁ ସଶକ୍ତିକରଣ, ବିନା ସୁଧରେ ଋଣ, ମମତା ଯୋଜନା, ପଞ୍ଚାୟତରେ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତିକରଣ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗୌଡ଼ଗୁଡ଼ା ସରପଞ୍ଚ ପାଣ୍ଡରି ପଡ଼ିଆମୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ଜିଲ୍ଲା ବିଜେଡି ଯୁବ ଉପ ସଭାପତି କଣ୍ଟେସ ପୋଟଲା,ବିଜେଡି ଜୋନ୍ ସଂଯୋଜକ ଗୋପୀ ପାଙ୍ଗି, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟତ୍ରୀଙ୍କ ସହ ସରକାରୀ ପଦାଧିକାରୀ ଓ ସ୍ଥାନୀୟ ଅଞ୍ଚଳର ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରୁଥିବା ଯୁବ ଗୋଷ୍ଠୀ, ଶ୍ରେଷ୍ଠ ଚାଷୀ ଓ ଉତ୍ତମ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରିବା ସହ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମହାସଂଘ ତରଫରୁ ୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରଯାଇଥିଲା।

**କୋଲନରା :** ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ପେଣ୍ଠା ପଞ୍ଚାୟତ ସଦରଠାରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଓ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ସହିତ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ମାଧ୍ୟମରେ ଏକ ବିକଶିତ ଓଡ଼ିଶା ଗଠନ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଆଜି ଗ୍ରାମାଞ୍ଚଳ ହେଉ ଅବା ସହରାଞ୍ଚଳ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଯୋଜନା ମାଧ୍ୟମରେ ଲୋକେ ଉପକୃତ ହେଉଥିବାରୁ ରାଜ୍ୟ ବିକାଶ ପଥରେ ଆଗେଇ ଚାଲିଛି। ଏନେଇ ଲୋକଙ୍କୁ ଜଣାଇବା ସହ ଅଞ୍ଚଳର ବିକାଶ ଦିଗରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ତଥା ସଂଗଠନଗୁଡ଼ିକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ସରପଞ୍ଚ ଏ. ବିଶ୍ୱନାଥ, ଲକ୍ଷ୍ମୀ ଜାମୁକା, 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଜିଲ୍ଲା ସଂଯୋଜକ ପି. ଗୌରୀଶଙ୍କର ରାଓ ଉପସ୍ଥିତ ରହିଥିବାବେଳେ ପେଣ୍ଠା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷଣଭିତ୍ତିକ ଦୁବାଇ ଗସ୍ତରେ ରାୟଗଡ଼ାର ଶିକ୍ଷକ ଡ.ଦ୍ୱିତୀଚନ୍ଦ୍ର



**ରାୟଗଡ଼ା,୨୨।୨(ସମିସ):** ଶିକ୍ଷଣଭିତ୍ତିକ ଦୁବାଇ ଗସ୍ତରେ ରାୟଗଡ଼ାର ଶିକ୍ଷକ ଡ.ଦ୍ୱିତୀଚନ୍ଦ୍ର ସାହୁ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଲେଷୁ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ଭାବେ କାର୍ଯ୍ୟରତ ଡ.ସାହୁ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ତିନି ଦିନିଆ ଦୁବାଇ ଗସ୍ତ କରିବେ ବୋଲି ବିଭାଗ ପକ୍ଷରୁ ତାଙ୍କୁ ଚୟନ କରାଯାଇଛି। ୨୧ ଜଣିଆ ଶିଷ୍ଟ ମଣ୍ଡଳୀରେ ବିଭାଗୀୟ ଅଧିକାରୀଗଣ, ପିଏଆଇଟିଡିଏ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହ ଡ. ସାହୁଙ୍କୁ ବିଭାଗ ଚୟନ କରିଛି। ଦୀର୍ଘ ୨୩ ବର୍ଷ ଧରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କ ଶିକ୍ଷାଦାନରେ ନିୟୋଜିତ ହେବା ସହ ଶିକ୍ଷାଦାନରେ ଅଭିନବ କୌଶଳ ପ୍ରୟୋଗ ଓ ପିଲାଙ୍କ ଦକ୍ଷତା ଅଭିବୃଦ୍ଧି ଲାଗି ବିବିଧ ନିଆରା କାର୍ଯ୍ୟକ୍ରମର ପରିକଳ୍ପନା କରିବାରେ ରାଜ୍ୟରେ ତାଙ୍କର ସୁନାମ ରହିଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ପ୍ରମୁଖ ରାଜ୍ୟସ୍ତରୀୟ ସାଧନକର୍ମୀଙ୍କ ସହ ଦୀର୍ଘ ବର୍ଷ ଧରି ୟୁନିସେଫ, ୟୁଏନଏଫପିଏ, ଗଣଶିକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ସମ୍ପର୍କିତ ବହୁ ବେସରକାରୀ ଅନୁଷ୍ଠାନ ପାଇଁ ରାଜ୍ୟ ସାଧନକର୍ମୀ ଭାବେ ଯୋଗଦାନପୂର୍ବକ ରାଜ୍ୟର ଶିକ୍ଷାର ବିକାଶରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରି ଆସିଛନ୍ତି। ଏହାବ୍ୟତୀତ ସୁସାହିତ୍ୟିକ ଭାବେ ରାଜ୍ୟ ସାହିତ୍ୟ ଜଗତରେ ସେ ଜଣେ ପରିଚିତ ଚେହେରା। ଶିକ୍ଷା ପ୍ରତି ସଦା ସମର୍ପିତ ଶିକ୍ଷକ ଭାବେ, ଡ. ସାହୁଙ୍କୁ ଦୁବାଇ ଗସ୍ତ ପାଇଁ ଚୟନ କରାଯାଇଥିବା ଜଣାପଡ଼ିଛି। ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମଣ ମଲ୍ଲିକ, ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକଙ୍କ ନେତୃତ୍ୱରେ ଏହି ଦଳ ଦୁବାଇ ଗସ୍ତ କରିଛନ୍ତି। ଏଥିପାଇଁ ଡ. ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏଇ ଗସ୍ତକ୍ରମରେ ଯାହା କିଛି ଅନୁଧ୍ୟାନ ଓ ଶିକ୍ଷଣ କରିବେ ବିଭାଗୀୟ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ବିକାଶ ଦିଗରେ ତାକୁ ପ୍ରୟୋଗ କରିବାକୁ ଚେଷ୍ଟା କରିବେ ବୋଲି କହିବା ସହ ବିଭାଗ ଏଭଳି ସୁଯୋଗ ପ୍ରଦାନ କରିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ରାଜସ୍ୱ କର୍ମଚାରୀଙ୍କ ଆନ୍ଦୋଳନ



**କାଶୀପୁର,୨୨।୨(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ତହସିଲର କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଧାରଣାରେ ବସିଛନ୍ତି। ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆନ୍ଦୋଳନ ଡାକରାରେ ଦେଇଥିବାବେଳେ ସଭାପତି କେଶବ ସାହୁ ଏବଂ କୃଷ୍ଣ ଶବରଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକମାନେ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଜଣାପଡ଼ିଛି। ମୋଟ ୬ ଦଫା ଦାବି ନେଇ ଏହି ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ମିଳିଛି। ଏହି ଆନ୍ଦୋଳନରେ ଅକୁର ଶବର, ମନୋଜ ଶବରଙ୍କ ସହ ସମସ୍ତ ଅଧିକାରୀ ସାମିଲ ହୋଇଛନ୍ତି।

## ବ୍ଲକ୍‌ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

**ନବରଙ୍ଗପୁର,୨୨।୨(ସମିସ):** ନବରଙ୍ଗପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ସୁନୀଲ ଖୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଶରତ ଭତ୍ରା, ନବରଙ୍ଗପୁର ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ବିନାୟକ ଖାଡ଼ଙ୍ଗା, ସ୍ୱେଚ୍ଛାସେବୀ ସଂଗଠନ 'ସାହାରା'ର ସମ୍ପାଦକ ମନୋଜ ଧଳ ମଞ୍ଚାସୀନ ଥିଲେ। ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ୩୧୯ଟି ଗ୍ରାମରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କରେ ଏକ ଖସଡ଼ା ପ୍ରସ୍ତୁତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ନବରଙ୍ଗପୁର ଜିଲ୍ଲା ଜରୁରିକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରସ୍ତୁତି ଏବଂ ଖସଡ଼ା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରି ସମସ୍ତଙ୍କୁ ଅବଗତ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ କମଳେଶ୍ୱରୀ ନାୟକ, ଚଞ୍ଚଳା ସାନ୍ତା, କୃଷ୍ଣଚନ୍ଦ୍ର ଭତ୍ରା, ଭି. ଅନିତା, କୁମାରୀ ରୋଜାଲିନ, ଆରତି ନଳିନୀ ନନ୍ଦ, ରଶ୍ମିପ୍ରଭା ପାଣିଗ୍ରାହୀ, କାମାକ୍ଷୀ ତ୍ରିପାଠୀ, ସୁନିତା କୁମାରୀ ପାତ୍ର, ଆକୁଳ ବୈରାଗୀ, ପ୍ରୟାଗ ରଞ୍ଜନ ଲିମା, ବ୍ଲକ୍ ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକର ନୋଡାଲ ଅଫିସର ତଥା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାବ ରଞ୍ଜନ ଶିକଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡୁମୁସିଲ୍ ପ୍ରଧାନଶିକ୍ଷକ ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ନାରାୟଣପାଟଣା,୨୨।୨(ସମିସ):** ନାରାୟଣପାଟଣା ବ୍ଲକ୍ ବାଲିପେଟା ପଞ୍ଚାୟତ ଡୁମୁସିଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଓଡ଼ିଆ ଓ ଇଂରାଜୀ ସମେତ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରୁଥିବା ତଥା ଆଦର୍ଶ ପ୍ରଧାନଶିକ୍ଷକ ବେଞ୍ଜୁ ସୋରେନ୍ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଜୟପୁର ଦଶହରା ପଡ଼ିଆଠାରେ ଆସନ୍ତା ୨୪ ତାରିଖରେ ଆୟୋଜିତ ହେବାକୁ ଥିବା ସମାରୋହରେ ତାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବାକୁ ଥିବା ଜଣାପଡ଼ିଛି। ତାଙ୍କୁ ସମୟାନୁବର୍ତ୍ତିତା, ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା, ଧୈର୍ଯ୍ୟବାନ, ବିଦ୍ୟାଳୟ ଓ ଶ୍ରେଣୀଗୃହ ପରିଷ୍କାର ପରିଚ୍ଛନ୍ନତା ରଖିବା, ଅଭିଭାବକଙ୍କ ସହ ଆଲୋଚନା କରି ପିଲାଙ୍କୁ ନିୟମିତ ସ୍କୁଲ୍ ଆଣିବାର ପ୍ରୟାସ, ଶିକ୍ଷାଦାନ ସମୟରେ ବିଷୟକୁ ଆଞ୍ଚଳିକ ଭାଷାର ବ୍ୟବହାର କରି ସୁନ୍ଦର ଭାବରେ ବୁଝାଇବା, ପ୍ରଥମ ଶ୍ରେଣୀ ପିଲାଙ୍କୁ ନାଚ, ଗୀତ, ଖେଳ ମାଧ୍ୟମରେ ଶିକ୍ଷାଦାନ ଦେବା, ସବୁ ଛାତ୍ରଛାତ୍ରୀଙ୍କୁ ସମାନ ଦୃଷ୍ଟିରେ ଦେଖିବା, ସବୁ ପିଲାଙ୍କୁ ସ୍ନେହ ଆଦର କରିବା, ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ଓ ବିଦ୍ୟାଳୟର ଅଫିସିଆଲର ସମ୍ପୂର୍ଣ୍ଣ କାଗଜ ପତ୍ର ଅପଟୁଡେଟ୍ କରି ରଖିବାକୁ ଦୃଷ୍ଟିରେ ରଖି ତାଙ୍କୁ କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକରୁ ଜଣେ ମାତ୍ର ଶିକ୍ଷକ ଭାବେ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ନାରାୟଣପାଟଣା ବ୍ଲକରୁ ଏକମାତ୍ର ଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଉଥିବାରୁ ଶିକ୍ଷା ବିଭାଗରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା ଅଧିକାରୀ, ବ୍ଲକ୍ ପ୍ରଶାସନ, ଜନପ୍ରତିନିଧି ଓ ବିଭିନ୍ନ ସଂଗଠନ ସମେତ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ସମେତ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ସ୍କୁଲର ଶିକ୍ଷକ ଲକ୍ଷ୍ମୀ ଗୁଡୁଲା, ଜ୍ଞାନେନ୍ଦ୍ର ପ୍ରସାଦ ନାୟକ, ଦୀପ୍ତିମୟୀ ଦାସ, ନାଗେଶ୍ୱର କୁଲୁଡ଼ିପୀୟା, ଭାରତୀ ରତନାଲୁଙ୍କ ସହ ସ୍କୁଲ୍ କମିଟି ତରଫରୁ ଶୁଭେଚ୍ଛା ଜଣାଇଛନ୍ତି।

## ଆଦିବାସୀଙ୍କ ଦେବୀ ସତୀରାଣୀଙ୍କ ମାଳିଚୋଗା ଯାତ୍ରା ଉଦ୍‌ଯାପିତ

**କାଶୀପୁର,୨୨।୨(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଡାକିଲି ଗ୍ରାମସ୍ଥିତ ପର୍ବତରେ ଥିବା ଏକ ବିରାଟ ଗୁମ୍ଫାରେ ୩ ବର୍ଷ ଅନ୍ତରରେ ଦୁଇଦିନ ଧରି ଚାଲିଥିବା ସତୀରାଣୀଙ୍କ ମାଳିଚୋଗା ଯାତ୍ରା ଉଦଯାପିତ ହୋଇଯାଇଛି। କାଶୀପୁର ଏକ ଆଦିବାସୀ ବହୁଳ ଅଞ୍ଚଳ ଭାବେ ପରିଚିତ ଥିବାବେଳେ ଏଠାରେ ଏକାଧିକ ସମ୍ପ୍ରଦାୟର ଆଦିବାସୀ ଲୋକ ବସବାସ କରିଥାନ୍ତି। ଏମାନଙ୍କ ମଧ୍ୟରୁ କନ୍ଧ, ପେଙ୍ଗ ଓ ଝୋଡ଼ିଆ ପରଜା ଓ ଅନ୍ୟ ସମ୍ପ୍ରଦାୟର ପ୍ରମୁଖ ଲୋକମାନେ ଏହି ଯାତ୍ରାକୁ ବେଶ୍ ଧୁମଧାମରେ ପାଳନ କରିଥାନ୍ତି। ସେହିକ୍ରମରେ ସୋମବାର ଦିନ ଏହି ଯାତ୍ରା ଡାକିଲି ଗ୍ରାମରେ ଆଦିବାସୀ ଅଞ୍ଚଳର ପରମ୍ପରା ଅନୁଯାୟୀ ଜାନୀ, ଦିଶରୀ ଓ ଅଞ୍ଚଳର ବେଜୁଣି ଦ୍ୱାରା ପୂଜାର୍ଚ୍ଚନା ଅନୁଷ୍ଠିତ ହେଇଥିଲା। ଶତାଧିକ ଲୋକଙ୍କ ସମାଗମରେ ଡାକିଲି ପର୍ବତରେ ଥିବା ସତୀରାଣୀ ଦେବୀ ଗୁମ୍ଫାରେ ନିଜନିଜର ମାନସିକକୁ ନେଇ ଲୋକେ ଫଳ, ଫୁଲ ଓ ଦୀପ ପ୍ରଜ୍ୱଳନ ସହ କୁକୁଡ଼ା,ପାରା ଓ ଛେଳିକୁ ଦେବୀଙ୍କ ନୈବେଦ୍ୟରେ ବଳି ଉତ୍ସର୍ଗ କରାଯାଇଥିଲା। ଦୁଇଦିନ ଧରି ହେଉଥିବା ଏହି ମାଳି ଚୋଗାଯାତ୍ରାରେ ସାଂସ୍କୃତିକ ନୃତ୍ୟଗୀତ ହୋଇଥିଲା। ଏହି ପୂଜା କରିବା ଦ୍ୱାରା ଅଞ୍ଚଳରେ ଅକାଳ ତଥା ମହାମାରୀରୁ ରକ୍ଷା ପାଇବା ସହିତ ଚାଷ ଅମଳରେ ବୃଦ୍ଧିପାଇଥାଏ ବୋଲି ସମ୍ପ୍ରଦାୟର ଲୋକମାନେ ବିଶ୍ୱାସ କରନ୍ତି।



# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ





**ଜୟପୁର,୨୨।୨(ସମିସ):** ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ପ୍ରଭାତ କୁମାର ରଥ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ, ଦୈନନ୍ଦିନ ଜୀବନରେ ମାତୃଭାଷାର ବହୁଳ ବ୍ୟବହାର, ମାତୃଭାଷାର ପ୍ରଚାରପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମାର୍ଗଦର୍ଶନ କରାଇଥିଲେ। ପ୍ରାରମ୍ଭରେ ନରେଶ କୁମାର ଷଡ଼ଙ୍ଗୀ ଛାତ୍ରଛାତ୍ରୀମାନଙ୍କୁ ଶପଥପାଠ କରାଇଥିବାବେଳେ ପ୍ରଧାନଶିକ୍ଷକ ଶ୍ରୀ ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକଶିକ୍ଷୟିତ୍ରୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ହିତକର ଚରତି, ଦେବେନ୍ଦ୍ର କୁମାର ପାଢ଼ୀ, ଦୁର୍ଗା ପ୍ରସାଦ ପାତ୍ର, ତନବୀର ମହମ୍ମଦ, ଶୁଭସ୍ମିତା ସାହୁ, ବନିତା ଶତପଥୀ, ପପିତା ପ୍ରଧାନ, ରଶ୍ମିତା ନାହାକ, କଲ୍ୟାଣୀ ନାୟକ, କେ.ପ୍ରମିଳା, ସାଗରିକା ପାତ୍ର, ସୁଧା ପଟ୍ଟନାୟକ, ସୁବର୍ଣ୍ଣ କୁମାରୀ ଖିଲ, ଅରୁନ୍ଧତୀ ତ୍ରିପାଠୀ, ସୁଚରିତା ପଟ୍ଟନାୟକ, ସନ୍ତୋଷିନୀ ପଣ୍ଡା, ପ୍ରଭାତୀ ପାଣିଗ୍ରାହୀ, ସସ୍ମିତା ଜେନା, ସୋମନାଥ ସାକିଆ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

**ଟିକିରି :** ଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଲେଖକ ତଥା ସାହିତ୍ୟକ ନୀରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃଭାଷାର ଆବଶ୍ୟକତା ଓ ମହତ୍ତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ। ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ପୁଷ୍ପକେତୁ ସାହୁ ମାତୃଭାଷାର ମହାନତା ଓ ଉନ୍ନତି ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଗୁରୁମା କାମିନୀ କୁମାରୀ ଦେଇ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲାବେଳେ ପ୍ରଧାନଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁମାନେ ବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଟିକିରି ସହର ପରିକ୍ରମା କରିଥିଲେ।

# ୨୯ରେ ଆନ୍ଦୋଳନକୁ ଓହ୍ଲାଇବେ ଅଙ୍ଗନବାଡ଼ି କର୍ମୀ

**ମାଲକାନଗିରି,୨୨ା୨(ସମିସ):** ଅଲ୍ ଓଡ଼ିଶା ଲେଡିଜ୍ ଅଙ୍ଗନବାଡ଼ି ଆସୋସିଏସନ ତରଫରୁ ୮ ଦଫା ଦାବି ନେଇ ଆସନ୍ତା ୨୯ ତାରିଖ ଦିନ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବେ ବୋଲି ଆସୋସିଏସନ ତରଫରୁ ଏକ ପ୍ରେସ ବିଜ୍ଞପ୍ତି ଜାରି କରିବା ସହ ୮ ଦଫା ଦାବି ମଧ୍ୟ ଉଲ୍ଲେଖ କରିଛନ୍ତି। ଉକ୍ତ ଦାବିଗୁଡ଼ିକ ମଧ୍ୟରେ ଅଙ୍ଗନବାଡ଼ି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ କରିବା ସହ ଜୀବିକା ମଜୁରୀ ପ୍ରଦାନ, ଯେ ପର୍ଯ୍ୟନ୍ତ ମାନ୍ୟତା ଦିଆଯାଇ ନାହିଁ ସେପର୍ଯ୍ୟନ୍ତ କର୍ମୀଙ୍କୁ ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ବେତନ ପ୍ରଦାନ କରିବା, ୫୦ ପ୍ରତିଶତ ସଂରକ୍ଷିତ ସୁପରଭାଇଜର ପଦ ପାଇଁ ବୟସ ସୀମା ଉଚ୍ଛେଦ କରାଯାଉ, ଅଙ୍ଗନବାଡ଼ି କର୍ମଚାରୀଙ୍କ ଅବସରକାଳୀନ ରାଶି ୫ ଲକ୍ଷ ଦେବା ସହ ପ୍ରତି ମାସ ୫ ହଜାର ଟଙ୍କା ପେନସନ୍ ଇତ୍ୟାଦି ଉଲ୍ଲେଖ ରହିଛି। ଏହି ଦାବିଗୁଡ଼ିକ ପୂରଣ ହେଉ ନ ଥିବାରୁ ଆସନ୍ତା ୨୯ ତାରିଖ ଦିନ ହେବାକୁ ଥିବା ମହାଆନ୍ଦୋଳନରେ ଯୋଗଦେବେ ବୋଲି ଅଲ୍ ଓଡ଼ିଶା ଲେଡିଜ୍ ଅଙ୍ଗନବାଡ଼ି ଆସୋସିଏସନ ମାଲକାନଗିରି ଶାଖାର ଜିଲ୍ଲା ସଭାନେତ୍ରୀ ଲକ୍ଷ୍ମୀ ମାଡି, ଜିଲ୍ଲା ସମ୍ପାଦିକା ରାବା ବିଶ୍ୱାସ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ଶତାଧିକ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

# ଆଦିବାସୀ ଯୁବକଯୁବତୀଙ୍କୁ କୃଷି ସମ୍ପର୍କିତ ତାଲିମ




**ଜୟପୁର,୨୨ା୨(ସମିସ):** ଜୟପୁର ସ୍ଥିତ ଏମ୍ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଆଦିବାସୀ ଯୁବକଯୁବତୀମାନଙ୍କୁ ପୋଷଣ ନିମିତ୍ତ କୃଷି ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଓ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଗ୍ରାମୀଣ ଯୁବକଯୁବତୀମାନଙ୍କୁ ପୋଷଣ ନିମିତ୍ତ କୃଷି ସମ୍ପର୍କିତ ତିନି ଦିନିଆ ତାଲିମ ଶିବିର ବୁଧବାର ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଦିବାସୀ ଯୁବକଯୁବତୀମାନେ ତାଲିମପ୍ରାପ୍ତ ପରେ ଅନ୍ୟମାନଙ୍କୁ ତାଲିମ ପ୍ରଦାନ କରିବେ ଏବଂ ନିଜ ନିଜ ଅଞ୍ଚଳରେ ପୋଷଣ ଦୂରୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ସହାୟତା କରିବେ। ଏହି ତାଲିମ ଶିବିରରେ କୁନ୍ଦୁରା, ବୈପାରୀଗୁଡ଼ା, କୋରାପୁଟ ଏବଂ ଲମତାପୁଟ୍ ବ୍ଲକର ୨୬ ଜଣ ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ। ବିଶେଷଜ୍ଞ ଭାବରେ କୁନ୍ଦୁରା ବ୍ଲକ୍ କୃଷି ଅଧିକାରୀ ତାପସ ଚନ୍ଦ୍ର ରୟ ଏବଂ ସ୍ୱାମୀନାଥନ ଗବେଷଣା କେନ୍ଦ୍ର ଜୟପୁର କେନ୍ଦ୍ର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡ଼ା, ବୈଜ୍ଞାନିକ ଡ. କାର୍ତ୍ତିକ ଚରଣ ଲେଙ୍କା ବୈଜ୍ଞାନିକ ପ୍ରଣାଳୀରେ କୃଷି ପଦ୍ଧତି ପ୍ରୟୋଗ କରି ଅଣଧାନ ଜାତୀୟ ଫସଲ ତଥା ମାଣ୍ଡିଆ, ସୁଆଁ, କାଙ୍ଗୁର, ଛତୁ ଚାଷ, ପୋଷଣ ବଗିଚା ପ୍ରସ୍ତୁତ କରିବା ଉପରେ ଆଲୋଚନା କରିଥିଲେ।

# ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଉମରକୋଟ,୨୨ା୨(ସମିସ):** ଉମରକୋଟ ବ୍ଲକ୍ ଅନ୍ତର୍ଗତ ଭାମିନୀ ପଞ୍ଚାୟତର ମିରିଗୁଡ଼ା ଗ୍ରାମ ସ୍ଥିତ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ହେମନ୍ତ କୁମାର ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ରୂପେ ଭାମିନୀ ସରପଞ୍ଚ ମାଳତୀ ଭତ୍ରା, ମୁଖ୍ୟବକ୍ତା ରୂପେ ଉମରକୋଟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ମାଝୀ ଓ ସମ୍ମାନିତ ଅତିଥି ରୂପେ ଉମରକୋଟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବାଗ୍ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁକଦେବ ମାଝୀ ବିଦ୍ୟାଳୟର ଶିକ୍ଷକ କୋଠରି ଆଦି ଆବଶ୍ୟକତାକୁ ଉପସ୍ଥାପନା କରି ଶିକ୍ଷକମାନଙ୍କୁ ଅଧିକ ଚେଷ୍ଟା କରିବାକୁ ଅନୁରୋଧ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବନିତା ବେହେରାଙ୍କ ସ୍ୱାଗତ ଭାଷଣ ପରେ ଅତିଥିମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବନାନୀ ରାଉତ। ଏହାପରେ ମଞ୍ଚାସୀନ ଅତିଥି ବିଦ୍ୟାଳୟର ମୋ ସ୍କୁଲ ଅଭିଯାନର ସଭାପତି ଗଣେଶ କଲାର ଓ ବିଦ୍ୟାଳୟ ସଭାପତିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ସୁନିତା ବିଶ୍ୱାଳ। ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ଶିକ୍ଷକ ଶ୍ରୀଧର ସାମଲ, ଫନିନ୍ଦ୍ର ଗାଇନ, ତ୍ରିପତି ପଟ୍ଟନାୟକ, ଇନ୍ଦ୍ରନିଲ୍ କର ପ୍ରମୁଖ। ଥିସାଗୁଡା, ଡଙ୍ଗ୍ରୀଗୁଡା ଓ ମିରିଗୁଡ଼ା ଗ୍ରାମର ଶତାଧିକ ଗ୍ରାମବାସୀ ଓ ଅଭିଭାବକମାନେ ଏଥିରେ ସହଯୋଗ କରିଥିଲେ। ଏଥିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାଳତୀ ଭତ୍ରା, ପୁରୁଷୋତ୍ତମ ମାଝୀ ଓ ଦେବେନ୍ଦ୍ର ବାଗଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଛକ ଚିହ୍ନଟ କରିପାରୁନି ପୌରସଂସ୍ଥା

# ସ୍ଥାପନ ହୋଇପାରୁନି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି



**ଜୟପୁର,୨୨ା୨(ସମିସ)**

ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୨ ଫୁଟିଆ ପ୍ରତିମୂର୍ତ୍ତି ପୌରସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଥିଲେ ସୁଦ୍ଧା ତାହାକୁ ସ୍ଥାପନ କରାଯାଇ ପାରୁନାହିଁ। ମୂର୍ତ୍ତି ସ୍ଥାପନ ପାଇଁ ଛକ ଏବଂ ଜମି ଚିହ୍ନଟ କରିବା ନେଇ ପୌରସଂସ୍ଥା ପକ୍ଷରୁ କୌଣସି ନିଷ୍ପତ୍ତି ହୋଇପାରୁନାହିଁ। ସାଢ଼େ ୪ ଲକ୍ଷ ଟଙ୍କା ବିନିମୟରେ ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଫାଇଭର ରେନିଫୋର୍ସଡ ପ୍ଲାଷ୍ଟିକ (ଏଫଆରିପ) ରେ ନିର୍ମିତ ପ୍ରତିମୂର୍ତ୍ତି ଦୀର୍ଘ ଦିନ ଧରି ପୌର କାର୍ଯ୍ୟାଳୟ ପରିସରରେ ରଖାଯାଇଥିଲେ ସୁଦ୍ଧା ପୌରସଂସ୍ଥା କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାରେ ଛକ ଓ ଜମି ଚିହ୍ନଟରେ ବିଳମ୍ବକୁ ନେଇ କିଛି କାଉନସିଲର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗାମୀ କାଉନସିଲ୍ ବୈଠକରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତୁରନ୍ତ ଉପଯୁକ୍ତ ଛକରେ ସ୍ଥାପନ କରିବା ଦାବି ନେଇ ହଟଗୋଳ ହେବାର ସମ୍ଭାବନା ରହିଛି।

**● କାଉନସିଲ ବୈଠକରେ ହଟଗୋଳ ସମ୍ଭାବନା**

ଦୀର୍ଘ ଦିନ ଧରି ଏହି ପ୍ରତିମୂର୍ତ୍ତି ନିର୍ମାଣ ହୋଇ ପୌରସଂସ୍ଥା ପରିସରରେ ରଖାଯାଇଥିବା ବେଳେ ପ୍ରଥମେ ଏହି ପ୍ରତିମୂର୍ତ୍ତି ସ୍ଥାପନ ନେଇ ପାରାବେଢ଼ା ଛକକୁ ଚିହ୍ନଟ କରାଯାଇଥିଲା। କିନ୍ତୁ ସେଠାରେ ପରବର୍ତ୍ତୀ ସମୟରେ ଦେଶର ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୨ ଫୁଟିଆ ପ୍ରତିମୂର୍ତ୍ତି ସ୍ଥାପନ ନେଇ ପୌରସଂସ୍ଥା ନିଷ୍ପତ୍ତି ନେଇଥିଲା। ଉକ୍ତ ମୂର୍ତ୍ତିକୁ ବର୍ତ୍ତମାନ ଟ୍ରାଫିକ ଛକରେ ସ୍ଥାପନ କରାଯାଇଥିବାବେଳେ ଶୁକ୍ରବାର ତାହାର ଉଦଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିର ସ୍ଥାପନ ଓ ଉଦଘାଟନ ଆଗାମୀ ନିର୍ବାଚନ ପୂର୍ବରୁ ହେବାକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଚଳିତମାସ ଶେଷ ସପ୍ତାହରେ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗ ପକ୍ଷରୁ ଆଚରଣ ବିଧି ଲାଗୁ ହୋଇଯିବ। ଏହା ଆସନ୍ତା ଏପ୍ରିଲ ମାସ ତୃତୀୟ ସପ୍ତାହରେ ଆଚରଣ ବିଧି ହଟିବ। ତେଣୁ ଆସନ୍ତା ଦୁଇମାସ ପର୍ଯ୍ୟନ୍ତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଲେ ସୁଦ୍ଧା ଉଦଘାଟନ ହୋଇପାରିବ ନାହିଁ। ଅନ୍ୟପକ୍ଷରେ ପାରାବେଢ଼ା ଷ୍ଟାଡିୟମ ନିକଟସ୍ଥ ତିନିକୋଣିଆ ଛକ, ଟ୍ରାଫିକ ଛକ କିମ୍ବା ଶ୍ରମ ବିଭାଗ କାର୍ଯ୍ୟାଳୟ ଛକ ନିକଟରେ ସ୍ଥାପନ କରିବାକୁ ଆଲୋଚନା କରାଯାଇଛି। ଗୁରୁବାର ପୌର ଉପାଧ୍ୟକ୍ଷା ବି.ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରିଛନ୍ତି। ଜୟପୁର ପୌରନିର୍ବାହୀ ଅଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଆସନ୍ତା କାଉନସିଲ ବୈଠକର ନିଷ୍ପତ୍ତି ଅନୁଯାୟୀ ବିଜୁ ବାବୁଙ୍କ ମୂର୍ତ୍ତି କୌଣସି ବି ଏକ ଛକରେ ସ୍ଥାପନ କରାଯିବ। ପ୍ରକାଶ ଯେ, ଜୟପୁର ପୌରସଂସ୍ଥା ପକ୍ଷରୁ ମହାରାଜା ବିକ୍ରମଦେବ ବର୍ମାଙ୍କ ୮ ଫୁଟିଆ ବ୍ରୋଞ୍ଜ ପ୍ରତିମୂର୍ତ୍ତି, ବାବା ସାହେବ ଆମ୍ବେଦକରଙ୍କ ୧୨ ଫୁଟିଆ, ବିଜୁ ପଟ୍ଟନାୟକଙ୍କ ୧୨ ଫୁଟିଆ ଏବଂ ଅଶୋକ ଚିହ୍ନର ୮ ଫୁଟିଆ ପ୍ରତିମୂର୍ତ୍ତିକୁ ୩୫ରୁ ୪୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ କ୍ରୟ କରାଯାଇଛି। ତେବେ ଗୁରୁବାର ମହାରାଜା ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ଜୟପୁର ସହରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏବଂ ଟ୍ରାଫିକ ଛକରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉଦଘାଟିତ ହେବାକୁ ଥିବା ଜଣାପଡ଼ିଛି।

## ■ ନନ୍ଦପୁରରେ ଉର୍ସ ପର୍ବ ପାଳିତ; ଲୋକାରଣ୍ୟ ହେଲା ଦର୍ଗା ପୀଠ

# ଜାତି ଧର୍ମ ନିର୍ବିଶେଷରେ ଶ୍ରଦ୍ଧାଳୁ ଚଢ଼ାଇଲେ ଚାଦର



**ନନ୍ଦପୁର,୨୨ା୨(ସମିସ):** ଅବିଭକ୍ତ କୋରାପୁଟ ଜିଲ୍ଲାର ଅନ୍ୟତମ ଦର୍ଗା ପୀଠ ନନ୍ଦପୁର ଦର୍ଗା ପୀଠରେ ମୁସଲମାନ ସମ୍ପ୍ରଦାୟଙ୍କ ଉର୍ସ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଦର୍ଗା ପୀଠ ଲୋକାରଣ୍ୟ ହୋଇଥିବାବେଳେ ଜାତି ଧର୍ମ ନିର୍ବିଶେଷରେ ସମସ୍ତ ଶ୍ରଦ୍ଧାଳୁ ଚାଦର ଚଢ଼ାଇଥିଲେ। ନନ୍ଦପୁର ଦର୍ଗା ପୀଠରେ ପ୍ରତି ବର୍ଷ ଫେବୃଆରୀ ୨୧ ତାରିଖରେ ବାବାସହେଦ ସାଲାର ବାଲେ ସାହେଦଙ୍କ ଜୟନ୍ତୀ ତଥା ଉର୍ସ ପର୍ବ ମହା ଆଡ଼ମ୍ବର ଓ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଆସୁଛି। ଏହି ପର୍ବ ସମୟରେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପଡ଼ୋଶୀ ରାଜ୍ୟ ଏବଂ ଓଡ଼ିଶା ରାଜ୍ୟର କୋଣ ଅନୁକୋଣରୁ ଏଠାକୁ ମୁସଲମାନ ଭାଇ ଭଉଣୀମାନଙ୍କ ସମାଗମ ହୋଇଥାଏ। ଜାତି ଧର୍ମ ନିର୍ବିଶେଷରେ ସମସ୍ତ ଧର୍ମର ଶ୍ରଦ୍ଧାଳୁମାନେ ବାବାଙ୍କ ପୀଠରେ ଆସି ଚାଦର ଚଢ଼ାଇବା ସହ ସୁଖ ସମୃଦ୍ଧି କାମନା କରିଥାଆନ୍ତି। ଏହି ପର୍ବ ସମୟରେ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ଭାଇ ଚାରାର ପ୍ରତୀକଙ୍କୁ ଦୃଢ଼ କରିଥାନ୍ତି। ନନ୍ଦପୁର ବାବାଙ୍କ ପୀଠରେ ସନ୍ଧ୍ୟା ଦର୍ଶନ କରିବାକୁ ପଟ୍ଟାଙ୍ଗି ବିଧାୟକ ପୀତମ କୁମାର ପାଢ଼ି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବାଲା ରାୟ, ମୁନା ଦଳପତି, ସେମିଳିଗୁଡ଼ା ବାର୍ ଆସୋସିଏସନର ସଭାପତି ସନ୍ତୋଷ କୁମାର ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ପ୍ରଶାସନିକ ଅଧିକାରୀ ତଥା ତହସିଲଦାର ଅନାଦି ଚରଣ ସାହୁ, ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ପ୍ରମୁଖ ଦର୍ଗା ପୀଠ ଦର୍ଶନ କରିଛନ୍ତି। ଏହି ପର୍ବରେ ସର୍ବ ଧର୍ମର ବ୍ୟକ୍ତି ବିଶେଷ ସାମିଲ ହେବା ନନ୍ଦପୁରର ଭାଇ ଚାରାର ପ୍ରତୀକକୁ ପ୍ରମାଣିତ କରିଛି ବୋଲି ପଟ୍ଟାଙ୍ଗି ବିଧାୟକ ପୀତମ କୁମାର ପାଢ଼ି ସୂଚାଇଛନ୍ତି।

ସୂଚନା ଥାଉ କି, ୧୯୬୫ ମସିହାରେ ପ୍ରଥମେ ନନ୍ଦପୁର ପୀଠର ପାଳନ ହୋଇଥିଲା ଉର୍ସ ଉତ୍ସବ। ମିଳିଥିବା ତଥ୍ୟ ଅନୁସାରେ ଥିବା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ସାତ ସେମିଳି ଗ୍ରାମର ସ୍ୱର୍ଗତ ଆଲ୍ଲ ନୁର୍ ଖାନଙ୍କ ଦ୍ୱାରା ବାବାଙ୍କ ଜନ୍ମ ଉତ୍ସବ ପାଳିତ ହୋଇଥିଲା। ଏହା ପ୍ରାୟ ଶହେ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ତଳେ ଏହି ଦର୍ଗା ପୀଠ ସ୍ଥାପିତ ହୋଇଥିବା କୁହାଯାଉଥିବାବେଳେ ସେହିଦିନଠାରୁ ମୁସଲମାନ ଭାଇଭଉଣୀମାନଙ୍କ ପକ୍ଷରୁ ଉର୍ସ ଉତ୍ସବ ପାଳିତ ହୋଇଆସୁଛି। ଏହି ପର୍ବ ଆରମ୍ଭ ଦିନରୁ ଜାତି ଧର୍ମ ନିର୍ବିଶେଷରେ ସମସ୍ତ ଧର୍ମର ଶ୍ରଦ୍ଧାଳୁ ପୀଠରେ ଆସି ଚାଦର ଚଢ଼ାଇବା ସହ ନିଜ ନିଜ ସୁବିଧା ଅସୁବିଧା ନେଇ ବାବାଙ୍କଠାରେ ମଥା ଟେକି ଥାଆନ୍ତି। ଏହି ଉତ୍ସବରେ ମୁଖ୍ୟତଃ ବିଶ୍ୱଶାନ୍ତି ପାଇଁ ସମୂହ ପ୍ରାର୍ଥନା କରାଯାଇଥାଏ। ଏହାସହ ଏହି ଉତ୍ସବରେ ବଡ଼ ମେଳା ଅନୁଷ୍ଠିତ ହୋଇଥାଏ। ଏହି କାର୍ଯ୍ୟକ୍ରମକୁ ଉଭୟ ଥୁବା ଓ ପାତ୍ରପାଣ୍ଡିର ମୁସଲମାନ କମିଟିର ସଦସ୍ୟ ତଥା ପୂର୍ବତନ ସରପଞ୍ଚ ସେକ୍ ଗଫୁର, ସେକ୍ ନୁର, ସେକ୍ ବାଜିଙ୍କ ସମେତ କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ନିଜେ ନନ୍ଦପୁର ଆଇଆଇସି ଆଶ୍ରିତା ଖାଲକୋ ଉପସ୍ଥିତ ରହି ପୁଲିସ ଟିମ୍ ନେଇ ସ୍ଥିତି ସମ୍ଭାଳିଥିଲେ।

# ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ



**ବୋରିଗୁମ୍ମା,୨୨ା୨(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ପଞ୍ଚାୟତରେ ମଙ୍ଗଳବାରଠାରୁ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିବାର ପିଛା ୧୦୦୦ ଟଙ୍କା ଜୀବିକା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ ଯୋଗଦେଇ ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଜୀବିକା ସହାୟତା ରାଶି ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାରେ ସହାୟକ ହେବା ନିମନ୍ତେ ପ୍ରଦାନ କରିଛନ୍ତି। ଏହା ସାରା ଓଡ଼ିଶାବାସୀଙ୍କର ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ସେ ବୋରିଗୁମ୍ମା ବ୍ଲକ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା ଯୋଗଦେଇଥିଲେ। ମଙ୍ଗଳବାରଠାରୁ ବ୍ଲକର ୩୧ଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜୀବିକା ସହାୟତା ରାଶି ଓ ପ୍ରତି କାର୍ଡଧାରୀଙ୍କୁ ଦୁଇଟି ବ୍ୟାଗ ପ୍ରଦାନ କରାଯିବ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ବ୍ୟାଗ ପ୍ରଦାନ ବହୁତ ଖୁସି ଆଣି ଦେଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଭିଡ଼ ଜମୁଥିବାର ଦେଖିବାକୁ ମିଳୁଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ଅଧିକାରୀ ବିଶ୍ୱଜିତ ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ରାଉତ, ସ୍ଥାନୀୟ ସରପଞ୍ଚ ତୁଷାରକାନ୍ତ କୁମ୍ଭାରିକା ଓ ଯୋଗାଣ ସହାୟିକା ପ୍ରମୁଖଙ୍କ ସମେତ ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

# ନିର୍ବାଚନ ନିମନ୍ତେ ସର୍ବଦଳୀୟ ବୈଠକ



**କୋରାପୁଟ,୨୨ା୨(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଜୟପୁର ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସୋମନାଥ ପ୍ରଧାନ, ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ନିର୍ବାଚନ ଆୟୋଗଙ୍କ ନିର୍ବାଚନ ସମ୍ପର୍କିତ ନିର୍ଦ୍ଦେଶାବଳୀକୁ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ। ଜିଲ୍ଲାରେ ପ୍ରସ୍ତୁତ ହୋଇଥିବା ଭୋଟର ତାଲିକା, ଆଦର୍ଶ ଆଚରଣବିଧି ସଂହିତାର ଅଧିନିୟମ ଓ ନିର୍ବାଚନ ସମ୍ପର୍କିତ ଅତି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀକୁ ନେଇ ଆଲୋଚନା କରାଯାଇଥିବା ବିଷୟ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର ଅବଗତ କରାଇଛନ୍ତି।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବନ୍ଧୁଗାଁ,୨୨ା୨(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଗତ ୬ ତାରିଖରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ୮ ଦିନ ଧରି ଚାଲିଥିବା ଏହି ଶିବିରରେ ଯୁକ୍ତ ଦୁଇ ବିଜ୍ଞାନ ପ୍ରଥମ ବର୍ଷର ୫୪ ଜଣ ଛାତ୍ରୀ ଯୋଗଦେଇ ତାଲିମ ନେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା ଯୋଗଦେଇ ଜଣେ ଛାତ୍ରୀ ଭାବରେ ଆମେ ଆଧ୍ୟାତ୍ମିକ ବିକାଶ ଏବଂ ନୈତିକ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ଚୌଧୁରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନୋଡାଲ ଅଫିସର୍ ସୁନନ୍ଦା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ତାଲିମଦାତ୍ରୀ ଏଲ୍ ମଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ଗ୍ରହଣ କରିଥିଲେ। ଶେଷରେ ତାଲିମପ୍ରାପ୍ତ ୫୪ ଜଣ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ନନ୍ଦପୁର ବ୍ଲକ୍‌ରେ ସଶକ୍ତ ଓଡ଼ିଶା ସାଥୀ ଶିବିର

# 'ଜନଜାତି ସଂସ୍କୃତି, ପ୍ରଗତି, କଳା ଓ ପରମ୍ପରା ଅନନ୍ୟ'



**ନନ୍ଦପୁର,୨୨ା୨(ସମିସ)**

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅନୁକୂଲ୍ୟରେ ସଶକ୍ତ ଓଡ଼ିଶା ସାଥୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରେ ପଟ୍ଟାଙ୍ଗି ବିଧାୟକ ପୀତମ୍ କୁମାର ପାଢ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ରାଜ୍ୟ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବିଭାଗ ଦ୍ୱାରା ଆଦିବାସୀମାନଙ୍କ କଳା ସାହିତ୍ୟ ଓ ପରମ୍ପରାକୁ ପୁନର୍ଜୀବିତ କରିଛନ୍ତି ବୋଲି କହିଛନ୍ତି। ଜନଜାତିମାନଙ୍କ ଆର୍ଥିକ, ଭୌତିକ କ୍ଷେତ୍ରରେ ବିକାଶ ନେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ବିଭାଗ ଦ୍ୱାରା କରିଥିବା ବିଭିନ୍ନ ଯୋଜନା ଆଦିବାସୀଙ୍କ ଜୀବନକୁ ପୁନର୍ଜୀବିତ କରିଛି ବୋଲି କହିଥିଲେ। ଅନ୍ୟପଟେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ ଯୋଗଦେଇ ଆଦିବାସୀମାନଙ୍କ କଳା ଓ ସଂସ୍କୃତିର ସୁରକ୍ଷା ସହ ଆଦିବାସୀ ମେଧାବୀ ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ଓ ବିଦେଶରେ ପାଠପଢ଼ା ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନିଶ୍ଚିନ୍ତ କରିଛନ୍ତି ବୋଲି କହିଛନ୍ତି। ଗୁରୁବାର ସଶକ୍ତ ଓଡ଼ିଶା ସାଥୀ କାର୍ଯ୍ୟକ୍ରମ ଜରିଆରେ ବ୍ଲକ୍ ଶ୍ରେଷ୍ଠ କଳାକାର, ସଂକୀର୍ତ୍ତନ ମଣ୍ଡଳୀ, ଢେମସା ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଦୁର୍ଗା ପ୍ରସାଦ ଦୋରା ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲାରୀ, ଏସଡିସି ସଦସ୍ୟା ଉର୍ମିଳା ମୁଦୁଲି, କାର୍ତ୍ତିକ ଖେମୁଣ୍ଡୁ ପ୍ରମୁଖ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ। ନନ୍ଦପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସମ୍ପାଦକ ମୁନା ଦଳପତି, ଯୁବ ମୋର୍ଚ୍ଚା ଉପସଭାପତି ପ୍ରଭାତ ଗୁରୁମାଇ, ଯୁବନେତା ସେକ୍ ନୁର୍, ସିଡିପିଓ ମିନତିବାଳା ପଟ୍ଟନାୟକ, ମହିଳା ସଭାନେତ୍ରୀ କୁନି ପାଲି, ବିଜୟ ଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ଓଡ଼ିଶା ଜୀବିକା ମିଶନ ବିପିଏମ୍ ବିଚିତ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ମହେଶ ଟୁଡୁ, ତ୍ରିନାଥ ନାୟକ, ମନ କଅଁର, ପୂର୍ବତନ ସରପଞ୍ଚ କେଶବ ଖରା, ବିକାଶ ତାଲାବଙ୍କ ସମେତ ବ୍ଲକର ସମସ୍ତ ପିଇଓ, ଏମବିକେ ଯୋଗଦେଇଥିଲେ।

# ବହିଃବିଭାଗ ଗୃହ ଉଦ୍‌ଘାଟିତ



**ମାଲକାନଗିରି,୨୨ା୨(ସମିସ):** ମାଲକାନଗିରି ଜିଲ୍ଲା ପାଣ୍ଡ୍ରିପାଣି ଗ୍ରାମବାସୀଙ୍କର ଦୀର୍ଘ ଦିନର ବହିଃବିଭାଗ ଗୃହର ଦାବିକୁ ପୂରଣ କରିଛନ୍ତି ରାଜ୍ୟ ସରକାର। ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏହି ନୂତନ ଗୃହର ଶୁଭ ଉଦଘାଟନ ହୋଇଯାଇଛି। ଏହି ଅବସରରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହର ଶୁଭ ଉଦଘାଟନ କରିଥିଲେ। ତାଙ୍କ ସହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ବିଧାୟକ ପ୍ରତିନିଧି ଅଶୋକ କୁମାର ବୈଦ୍ୟ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ଜୋନ୍ ୩ ଜିଲ୍ଲା ପରିଷଦ କୃଷ୍ଣଚନ୍ଦ୍ର ଅନୁଗୁ ପ୍ରମୁଖ ଯୋଗଦେଇଥିଲେ। ଏହି ବହିଃବିଭାଗ ଗୃହର ଉଦଘାଟନ କରିବା ସହିତ ଶ୍ରୀ ମାଝି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପରିଦର୍ଶନ କରିଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଏବଂ ଗ୍ରାମବାସୀଙ୍କ ସହ ବୈଠକ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଏହି ବିଭାଗ ଖୋଲିବା ଦ୍ୱାରା ଏ ଅଞ୍ଚଳର ଶତାଧିକ ଗ୍ରାମବାସୀ ଉପକୃତ ହେବେ ବୋଲି ଶ୍ରୀ ମାଝି କହିଛନ୍ତି।

